ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ


visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.25 . No.07 Bhubaneswar Wednesday, February 09, 2022 | ୨୫ତମ ବର୍ଷ ସଂଖ୍ୟା–୦୭ ଭୁବନେଶ୍ୱର, ବୁଧବାର, ଫେବୃଆରୀ ୦୯, ୨୦୨୨ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS





## କେନ୍ଦୁଝର ଜିଲ୍ଲା ଘଷିପୁରା ନିର୍ବାଚନମଣ୍ଡଳୀ ବେଲସୁନ୍ଦରୀ ଗ୍ରାମରେ ମା’ ତାରିଣୀଙ୍କ ଏକ ଭବ୍ୟ ମନ୍ଦିରର ପ୍ରତିଷ୍ଠା ୯ ଓ ୧୦ ତାରିଖ ଦୁଇ ଦିନ ବ୍ୟାପୀ ଅନୁଷ୍ଠିତ ହେବ




## ମମିତା ମେହେରଙ୍କୁ ନ୍ୟାୟ ଦାବିରେ ବିଜେପିର ନବୀନ ନିବାସ ଘେରାଉ ଉଦ୍ୟମ : ପୋଲିସ୍ – ବିକ୍ଷୋଭକାରୀ ଧସ୍ତାଧସ୍ତି

ଭୁବନେଶ୍ୱର , ୮।୨(ପି.ଏନ): ଶିକ୍ଷୟିତ୍ରୀ ମମିତା ମେହେର ହତ୍ୟା ପ୍ରସଙ୍ଗରେ ପୁଣି ରାଜରାସ୍ତାକୁ ଓହ୍ଲାଇଛି ବିଜେପି। ମମିତାଙ୍କୁ ନ୍ୟାୟ ଦେବା ଦାବିରେ ମଙ୍ଗଳବାର ଦିନ ବିଜେପି ପକ୍ଷରୁ ନବୀନ ନିବାସ ଘେରାଉ ଉଦ୍ୟମ କରାଯାଇଥିଲା। ବିଜେପି ନେତୃବୃନ୍ଦ ରାଜମହଲରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ନବୀନ ନିବାସ ମୁହାଁ ହୋଇଥିବା ବେଳେ ଶିଶୁ ଭବନ ଛକରେ ପୋଲିସ୍ ସେମାନଙ୍କୁ ଅଟକାଇଥିଲା। ଫଳରେ କିଛି ସମୟ ପାଇଁ ସେମାନଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ପୋଲିସ୍ ଅନେକ ବିଜେପି କର୍ମୀଙ୍କୁ ଗିରଫ ମଧ୍ୟ କରିଛି।ବରିଷ୍ଠ ବିଜେପି ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି ପୋଲିସ୍ ମୁଖ୍ୟ ଅଭିଯୁକ୍ତ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ଗିରଫ କରୁ ନ ଥିବା ବେଳେ ପାଟି ଫିଟାଇଲେ ଆମକୁ ଦୁର୍ବ୍ୟବହାର କରୁଛି। ଏପରିକି ମମିତାକୁ ନ୍ୟାୟ ପ୍ରଦାନ ପାଇଁ ଲଢ଼େଇ କରୁଥିବା ବିଜେପି କର୍ମୀଙ୍କୁ ପୋଲିସ୍ ଅପରାଧୀ ପରି ବ୍ୟବହାର କରୁଛି। ପୋଲିସ୍ ମହିଳା କର୍ମୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ସେ ଅଭିଯୋଗ କରିଛନ୍ତି। ମମିତା ମେହେର ହତ୍ୟାକାଣ୍ଡକୁ ପ୍ରାୟ ୬ ମାସ ବିତିବାକୁ ବସିଥିବା ବେଳେ ଚାର୍ଜସିଟ୍ ଦାଖଲକୁ ୧୨୦ ଦିନ ବିତିଲାଣି। ପୋଲିସ୍ କେବଳ ଗୋବିନ୍ଦ ସାହୁକୁ ଗିରଫ କରି ଚୁପ୍ ବସିଛି। ମମିତା ହତ୍ୟାକାଣ୍ଡ ଘଟଣାର ସଠିକ ଏବଂ ତ୍ୱରିତ ତଦନ୍ତ ସହ ସମସ୍ତ ଦୋଷୀଙ୍କ ବିରୋଧରେ କଡା ଚାର୍ଜସିଟ୍ ପ୍ରସ୍ତୁତ କରାଯାଇ ମାନ୍ୟବର କୋର୍ଟଙ୍କୁ ପ୍ରଦାନ କରାଯାଉ। ଏଥି ସହ ଘଟଣାର ମୁଖ୍ୟ ଷଡଯନ୍ତ୍ରକାରୀ ମନ୍ତ୍ରୀ ଦିବ୍ୟଶଂକର ମିଶ୍ରଙ୍କୁ ମୁଖ୍ୟମନ୍ତ୍ରୀ ନିଜ ମନ୍ତ୍ରୀମଣ୍ଡଳରୁ ବହିଷ୍କାର କରିବା ସହିତ ତାଙ୍କୁ ତଦନ୍ତ ପରିସରଭୁକ୍ତ କରାଯିବାକୁ ପୁଣି ଥରେ ଦାବୀ କରାଯାଇଛି। ମମିତାକୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରୀ ରହିବ ବୋଲି ଡ.ଲେଖାଶ୍ରୀ କହିଛନ୍ତି ।ଏହି କାର୍ଯ୍ୟକ୍ରମରେ ରାଜ୍ୟ ଉପସଭାନେତ୍ରୀ ଅନିତା ଶୁଭଦର୍ଶୀନି, ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ସ୍ମୃତି ପଟ୍ଟନାୟକ, ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ, ରାଜ୍ୟ ମୁଖପାତ୍ର ଉର୍ମିଳା ମହାପାତ୍ର, ଠାକୁର ରଣଜିତ୍ ଦାସ ଓ ସୋନାଲୀ ସାହୁ, ଭୁବନେଶ୍ୱର ଜିଲ୍ଲା ସଭାପତି ବାବୁ ସିଂ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ଜୟନ୍ତୀ ପଢିଆରୀ, ମହିଳା ମୋର୍ଚ୍ଚା ଉପସଭାନେତ୍ରୀ କସ୍ତୁରୀ ମିଶ୍ର, ମହିଳା ମୋର୍ଚ୍ଚା ରାଜ୍ୟ ସଂପାଦିକା ରଶ୍ମୀରେଖା ଦାଶ, କଟକ ନଗର ସଭାନେତ୍ରୀ ପ୍ରବୀଣା ମହାପାତ୍ର, ଭଦ୍ରକ ସଭାନେତ୍ରୀ ହରପ୍ରିୟା ସାହୁ, ସୁଚରିତା ଜେନାମଣି, ଭୁବନେଶ୍ୱର ଜିଲ୍ଲା ସାଧାରଣ ସମ୍ପାଦକ ହିମାଂଶୁ ଶେଖର ଛୋଟରାୟ, ଦିଲ୍ଲୀପ ବେହେରା, ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ରଶ୍ମିରଞ୍ଜନ ମୁଦୁଲି, ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ଉପେନ୍ଦ୍ର ଭଞ୍ଜ, ଜିଲ୍ଲା ଉପ ସଭାପତି ଦେବେନ୍ଦ୍ର ପତି, ତୃପ୍ତି ମକଦ୍ଦମ, ସୁବାଷିନୀ ପୃଷ୍ଟି, ଶିବ ବେହେରା, ମନୋରଞ୍ଜନ ସ୍ୱାଇଁ, ଜିଲ୍ଲା ସମ୍ପାଦକ ତାପସ ଦଳାଇ, ରଜନୀ ବାଳା ଦାସ, ଉର୍ଣ୍ଣତି ପରିଡା, ସୁବାଷିନୀ ପୃଷ୍ଟି, ଜିଲ୍ଲା ମଣ୍ଡଳ ସଭାପତି ସୁରେନ୍ଦ୍ର ପ୍ରଧାନ, ସନ୍ତୋଷ ଜେନା, ଅଞ୍ଜନ ନାଥ, ଅମରଜ୍ୟୋତି ଜଗଦ୍ଦେବ, ଜଗନ୍ନାଥ ବେହେରା, ବିଜୟ ରାଉତ ପ୍ରମୁଖଙ୍କ ସମେତ ହଜାର ହଜାର ସଂଖ୍ୟାରେ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

## ପୁରୀ ଆସିବେ ରାଷ୍ଟ୍ରପତି

ଭୁବନେଶ୍ୱର , ୮।୨(ପି.ଏନ): ଓଡିଶା ଗସ୍ତରେ ଆସିବେ ରାଷ୍ଟ୍ରପତି ରାମନାଥ କୋବିନ୍ଦ। ଫେବୃଆରୀ ୧୯ ତାରଖରେ ଆସି ୨୦ ତାରିଖ ଦିନ ପ୍ରତ୍ୟାବର୍ତ୍ତନ କରିବା ନେଇ ସୂଚନା ମିଳିଛି । ଏହି ଦିନିକିଆ ଗସ୍ତ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ପୁରୀରେ ଏକ କାର୍ଯ୍ୟକ୍ରମରେ ଯୋଗଦେବେ । ଏହାପରେ ସେ ଶ୍ରୀମନ୍ଦିର ଯାଇ ଜଗନ୍ନାଥ ଦର୍ଶନ କରିପାରନ୍ତି। ତେବେ ଏନେଇ ପ୍ରଶାସନ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ଦିଆଯାଇନାହିଁ।

## ୧୪ରୁ ଖୋଲିବ ପ୍ଲେ ସ୍କୁଲ

ଭୁବନେଶ୍ୱର , ୮।୨(ପି.ଏନ): ଆସନ୍ତା ୧୪ ତାରିଖରୁ ପ୍ଲେ ସ୍କୁଲ ଖୋଲିବାକୁ ଅନୁମତି ଦେଇଛନ୍ତି ରାଜ୍ୟ ସରକାର। ତେବେ ସ୍କୁଲର ସମସ୍ତ ଶିକ୍ଷକ, ଅଣଶିକ୍ଷକ, ଓ କର୍ମଚାରୀ ଦୁଇ ଡୋଜ୍ ଟିକା ନେଇଥିବା ବାଧ୍ୟତାମୂଳକ ରହିଛି। ସୂଚନାଯୋଗ୍ୟ ଚଳିତ ମାସ ୭ ତାରିଖ ଠାରୁ ରାଜ୍ୟର ସମସ୍ତ ସରକାରୀ ଓ ଘରୋଇ ସ୍କୁଲରେ ଅଷ୍ଟମରୁ ଉପରକୁ ସମସ୍ତ ଶ୍ରେଣୀର ଅଫ୍ ଲାଇନ୍ ପାଠପଢ଼ା ଆରମ୍ଭ ହୋଇଯାଇଛି।

## ଗୋଟିଏ ଦିନରେ ୧୫୦୩ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୮।୨(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୧୫୦୩ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୬୯୮୧୧ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୩୨୯ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୪୧୫୯୭ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୯୩୮୬ ରହିଛି ।ଆଜି ଚିହ୍ନଟ ହୋଇଥିବା ୧୫୦୩ ଜଣଙ୍କ ମଧ୍ୟରୁ ୮୭୩ ଜଣ ସଂଗରୋଧରୁ ହୋଇଥିବା ବେଳେ ୬୩୦ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୩୩୩ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ୫୧, ବାଲେଶ୍ୱର ଜିଲ୍ଲାରୁ ୩୦ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ ଜିଲ୍ଲାରୁ ୨୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଭଦ୍ରକ ଜିଲ୍ଲାରୁ ୨୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀର ଜିଲ୍ଲାରୁ ୩୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୧୦ , କଟକରୁ ୮୩ ସଂକ୍ରମିତ ହୋଇଛନ୍ତି । ଦେବଗଡ ଜିଲ୍ଲାରୁ ୨୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ୪୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଜପତି ଜିଲ୍ଲାରୁ ୩୭, ଗଂଜାମ ଜିଲ୍ଲାରେ ୨୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୪୨, ଯାଜପୁରରୁ ୫୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୧୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କଳାହାଣ୍ଡି ଜିଲ୍ଲାରୁ ୪୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କନ୍ଧମାଳ ଜିଲ୍ଲାରୁ ୧୭ ,କେନ୍ଦ୍ରାପଡ଼ା ଜିଲ୍ଲାରୁ ୧୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କେନ୍ଦୁଝରରୁ ୩୬ , ଖୋର୍ଦ୍ଧାରୁ ୩୩୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରୁ ୨ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୮ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ମୟୂରଭଞ୍ଜ ଜିଲ୍ଲାରୁ ୧୦୮ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ୧୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ନୟାଗଡ ଜିଲ୍ଲାରୁ ୫୩ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନୂଆପଡା ଜିଲ୍ଲାରୁ ୨୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ପୁରୀ ଜିଲ୍ଲାରୁ ୫୪ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାୟଗଡ଼ା ଜିଲ୍ଲାରୁ ୩୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

## ୧୨ରୁ ଭୁବନେଶ୍ୱରରେ ଖୋଲିବ ଧର୍ମାନୁଷ୍ଠାନ

ଭୁବନେଶ୍ୱର , ୮।୨(ପି.ଏନ): ଆସନ୍ତା ୧୨ ତାରିଖରୁ ଭୁବନେଶ୍ୱରରେ ଖୋଲିବ ସମସ୍ତ ଧର୍ମାନୁଷ୍ଠାନ। ଏନେଇ ବିଏମସି ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ତେବେ କେବଳ ଡବଲ ଡୋଜ୍ ଭ୍ୟାକ୍ସିନ ନେଇଥିବା ଭକ୍ତଙ୍କୁ ମନ୍ଦିରକୁ ପ୍ରବେଶ ପାଇଁ ଅନୁମତି ମିଳିବ।ଟିକା ପ୍ରମାଣପତ୍ର କିମ୍ବା ଆଧାର ଓ ଭୋଟର ଆଇଡି କାର୍ଡ ଦେଖାଇ ଶ୍ରଦ୍ଧାଳୁମାନେ ମନ୍ଦିରକୁ ପ୍ରବେଶ କରିପାରିବେ। ମନ୍ଦିରର ଗର୍ଭଗୃହକୁ ପ୍ରବେଶ ପାଇଁ ବାରଣ କରାଯାଇଥିବା ବେଳେ ଭୋଗ ମଧ୍ୟ ଲଗାଇପାରିବେ ନାହିଁ। ପରିଚୟ ପତ୍ର ଦେଖାଇ ୧୫ ବର୍ଷରୁ କମ୍ ବୟସର ଶିଶୁ ମନ୍ଦିରକୁ ପ୍ରବେଶ କରିପାରିବେ । ସେହିପରି ଗୋଟିଏ ଥରରେ ଲିଙ୍ଗରାଜ ମନ୍ଦିରକୁ ଶହେ ଭକ୍ତଙ୍କ ପ୍ରବେଶ ପାଇଁ ଅନୁମତି ଦିଆଯାଇଛି । ୨ଟି ଡୋଜ୍ ଭ୍ୟାକ୍ସିନ ନେଇଥିବା ମନ୍ଦିର ପୂଜକ ଓ ସେବାୟତ ହିଁ ମନ୍ଦିରରେ ରହିବେ। ଧର୍ମାନୁଷ୍ଠାନରେ ପ୍ରବେଶ ସମୟରେ ସମସ୍ତ ଭକ୍ତ ମୁହଁରେ ମାସ୍କ ଲଗାଇବା ସହ ସାମାଜିକ ଦୂରତା ଅବଲମ୍ବନ କରିବେ। ଧର୍ମାନୁଷ୍ଠାନ ବାହାରେ ସାନିଟାଇଜର ରହିବା ବାଧ୍ୟତାମୂଳକ। ମନ୍ଦିର ବାହାରେ ଓ ଭିତରେ ପାନ ଗୁଟଖା ଚୋବାଇବା ମନା କରାଯାଇଛି। ସାମାନ୍ୟ କରୋନା ଲକ୍ଷଣ ଥିଲେ ମନ୍ଦିର ପ୍ରବେଶ ଅନୁମତି ଦିଆଯିବ ନାହିଁ । ସେହିପରି ବୃଦ୍ଧ ଓ ଗର୍ଭବତୀଙ୍କୁ ମନ୍ଦିର ନଯିବାକୁ ପରାମର୍ଶ ଦିଆଯାଇଛି। ୨୮ ଫେବ୍ରୁଆରୀ ପର୍ଯ୍ୟନ୍ତ ଏହି ନିୟମ ବଳବତର ରହିବ।

## ଭୂମିହୀନଙ୍କ ଗାଁ ! ଭୋଟର ପରିଚୟପତ୍ର ଛଡା ଆଉ କିଛି ପାଇନାହାନ୍ତି



ଯାଜପୁର ୮।୨(ପି.ଏନ): ଭୂମିହୀନଙ୍କ ଗାଁ ! ଯେଉଁ ଗାଁ ଲୋକଙ୍କ ପାଖରେ ଭୋଟର ପରିଚୟପତ୍ର ଛଡା ଆଉ କିଛି ନାହିଁ। ନା ସେମାନଙ୍କ ପାଖରେ ରହିଛି ବାସସ୍ଥାନ ନା ପାଉଛନ୍ତି ସରକାରୀ ଯୋଜନାର ଲାଭ। କିନ୍ତୁ ସେମାନେ ଗଣତନ୍ତ୍ରର ମହାପର୍ବ ନିର୍ବାଚନ ସାମିଲ ହେଉଛନ୍ତି ଓ ଭୋଟ ଦେଇ ନେତାଙ୍କ ମନପସନ୍ଦର ପ୍ରାର୍ଥୀଙ୍କ ବିଜୟରେ କର୍ଣ୍ଣଧାର ସାଜୁଛନ୍ତି। ସେମିତି ଏକ ଗାଁ ଦେଖିବାକୁ ମିଳିଛି ଯାଜପୁର ଜିଲ୍ଲାରେ।ସେପଟେ ଗାଁ ଲୋକଙ୍କ ପାଖରେ ଜମି ପଟ୍ଟା ନଥିବାରୁ ସରକାରଙ୍କ ଲୋକାଭିମୁଖୀ ଯୋଜନାରୁ ବଞ୍ଚିତ ହେଉଛନ୍ତି। ଆବାସ ଯୋଜନାରେ ଘର, ସ୍ୱଚ୍ଛ ଭାରତ ଯୋଜନାରେ ପାଇଖାନାଠାରୁ ଆରମ୍ଭ କରି ବାର୍ଦ୍ଧକ୍ୟ ଭତ୍ତା, ଦିବ୍ୟାଙ୍ଗ ଭତ୍ତା, ବିଧବା ଭତ୍ତା ଓ ରାସନ ସାମଗ୍ରୀ ଗାଁ ଲୋକେ ପାଉନାହାନ୍ତି। ଆବାଶିକ ପ୍ରମାଣପତ୍ର ମିଳୁନଥିବାରୁ ପିଲାମାନେ ପାଠ ପଢ଼ି ପାରୁନାହାନ୍ତି। କିନ୍ତୁ ରାଜନେତାଙ୍କୁ ଖୁସ୍ କରିବା ପାଇଁ ଗାଁ ଲୋକଙ୍କ ପାଖରେ ରହିଛି ଭୋଟର ପରିଚୟପତ୍ର। ନିର୍ବାଚନ ପରି ମହାପର୍ବରେ ଏମାନେ ସାମିଲ୍ ହେଉଛନ୍ତି ଓ ନିଜ ମନପସନ୍ଦର ପ୍ରାର୍ଥୀଙ୍କୁ ଭୋଟ୍ ଦେଉଛନ୍ତି। ନେତାମାନେ ନିର୍ବାଚିତ ହେଲା ପରେ ଭୁଲି ଯାଉଛନ୍ତି ଗାଁ ଲୋକଙ୍କ ଦାବି ଓ ଅନୁରୋଧ।ଆଗକୁ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ। ସେଥିପାଇଁ ପୋଷ୍ଟର ଓ ବ୍ୟାନରରେ ଛାଇ ହୋଇଯାଇଛି ଗାଁ। ନେତାମାନେ ପ୍ରଚାର କରିବାକୁ ଗାଁକୁ ଆସୁଛନ୍ତି। ଭୋଟ୍ ଦେବାକୁ ଅନୁରୋଧ କରୁଛନ୍ତି। କିନ୍ତୁ ଆମ ଗାଁର ଦୀର୍ଘ ଦିନର ସମସ୍ୟା ସମାଧାନ କରୁନାହାନ୍ତି ବୋଲି କହିଛନ୍ତି ଜଣେ ଗ୍ରାମବାସୀ ।ଗମନାଗମନଠାରୁ ଆରମ୍ଭ କରି ସବୁପ୍ରକାର ମୌଳିକ ସୁବିଧାରୁ ଗାଁ ଲୋକେ ବଞ୍ଚିତ ହୋଇଛନ୍ତି।

## ମନ୍ଦିର ଜମି ହଡପ ପଛରେ ସରକାରୀ ସାଜିସ୍ !



ଭୁବନେଶ୍ୱର,୮।୨(ପି.ଏନ): ଯୋଜନାବଦ୍ଧ ଭାବେ ହଡପ ହେଉଛି ମହାପ୍ରଭୁ ଲିଙ୍ଗରାଜଙ୍କ ଜମି। ମନ୍ଦିର ପ୍ରଶାସନ, ତହସିଲ ଓ ଦେବୋତ୍ତର ବିଭାଗ ସହ ଅସାଧୁ ସଂପର୍କ ରଖି ଜମି ମାଫିଆ ହଡପ କରୁଛନ୍ତି ମନ୍ଦିର ଜମି। ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଜମି ବିବାଦ ତେଜିବା ପରେ ପଦାକୁ ଆସିଛି ଚାଞ୍ଚଲ୍ୟକର ତଥ୍ୟ। କେବଳ ସଦ୍ୟ କିଣାବିକା ହୋଇଥିବା ୨୨୮ ଡିସିମିଲ ଜମି ନୁହେଁ, ଇତିମଧ୍ୟରେ ହଡପ ହେଲାଣି ସେହି ମୂଳ ପ୍ଲଟର ୧ ଏକର ୧୬୦ ଡିସିମିଲ ଜମି ।ସରକାରଙ୍କ ଜାଣନ୍ତରେ ହଡପ୍ ହେଉଛି ମହାପ୍ରଭୁ ଲିଙ୍ଗରାଜଙ୍କ କୋଟି କୋଟି ଟଙ୍କାର ଜମି। ଜମି ଉପରେ ଅନେକ ଲୋକଙ୍କ କବ୍ ?ଜା ରହିଛି। ଆପତ୍ତି ଅଭିଯୋଗ ଏପରିକି କୋର୍ଟର ନିର୍ଦ୍ଦେଶକୁ ବି ଖାତିର କରୁନାହାନ୍ତି ପ୍ରଭାବଶାଳୀ ଜମି ମାଫିଆ। ଏୟାରପୋର୍ଟ ନିକଟସ୍ଥ ୨୨୮ ଡିସିମିଲି ଜମି ରାଜ୍ୟର ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଧର୍ମପତ୍ନୀ କିଣିବା ପରେ ପୁଣି ଥରେ ମହାପ୍ରଭୁ ଲିଙ୍ଗରାଜଙ୍କ ସମ୍ପତ୍ତିକୁ ନେଇ ତେଜିଛି ବିବାଦ। ସବୁ ମହଲରୁ ପ୍ରତିବାଦ ପରେ କିଣା ପ୍ଲଟର ପଟ୍ଟା ରଦ୍ଦ କରିବା ସହ ଜମି ଉପରେ ୧୪୪ ଧାରା ଲଗାଇଛି ପ୍ରଶାସନ। କିନ୍ତୁ ଏଠି ପ୍ରଶ୍ନ ଉଠୁଛି ମୋଟ ୧ ଏକର ୧୬୦ ଡିସିମିଲ ଜମିରେ ଗ ?। ଯାଇଥିବା ନିର୍ମାଣର ଭବିଷ୍ୟତ କ’ଣ ? ପ୍ରାୟ ୨୨ଟି ପରିବାର ଏହି ପୁରା ପ୍ଲଟ ଉପରେ ଘର କରି ରହୁଛନ୍ତି। ମୋଟ୍ ଜମିରୁ ୧୯୭୦ରେ ମାତ୍ର ୩୮ ଡିସିମିଲ ଜମି କିଣି ଘର କରି ରହୁଛନ୍ତି ଅନ୍ନପୂର୍ଣ୍ଣା ଭୋଇ। ତାଙ୍କ ନାଁରେ ପଟ୍ଟା ଅଛି। ସେ ସରକାରଙ୍କୁ ଖଜଣା ମଧ୍ୟ ଦେଉଥିବା କହିଛନ୍ତି। ସେହିପରି ବ୍ୟାଙ୍କ ଅଫ୍ ବରୋଦା ଥିବା ଜମିରେ ଘର କରିଥିବା ସରସ୍ୱତୀ ପାତ୍ର ମଧ୍ୟ ୨୦୦୩ରୁ ଦଖଲରେ ଅଛନ୍ତି। ଉଭୟଙ୍କୁ ରାଜ୍ୟ ସରକାର ହିଁ ପଟ୍ଟା ଦେଇଛନ୍ତି। ଏବେ ଲିଙ୍ଗରାଜଙ୍କ ଜମି କହି ତାଙ୍କୁ ବେଦଖଲ କରାଯିବା ଅନ୍ୟାୟ ବୋଲି ସେମାନେ ଅଭିଯୋଗ କରିଛନ୍ତି। ଯାହାକୁ ନେଇ ଜବାବ ରଖିଛନ୍ତି ଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ। ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ଭବାନୀ ମିଶ୍ର କହିଛନ୍ତି, “ରାଜସ୍ୱ ବିଭାଗ ନିର୍ଦ୍ଦେଶ କ୍ରମେ ମନ୍ଦିର ଏହି ୧.୬୦ ଏକର ଜମି ଉପରେ ରିଭିଜନ୍ କେସ କରିଛି। କାରଣ ଏହି ସମ୍ପତ୍ତିର ମୂଳ ମାଲିକ ଲିଙ୍ଗରାଜ। ଏବେ କୋର୍ଟରେ କେସ ଅଛି। ଯାହା କୋର୍ଟର ନିର୍ଦ୍ଦେଶ ହେବ, ସେହି ହିସାବରେ ହିଁ ମନ୍ଦିର ପଦକ୍ଷେପ ନେବ। ଆଇନ ଅନୁଯାୟୀ ହିଁ ସବୁ ହେବ।”୧୯୬୨ର ସାବିକ ରେକର୍ଡ ଅଫ୍ ରାଇଟ୍ସ ବା ପଟ୍ଟା ଅନୁଯାୟୀ ଖାତା ନମ୍ବର–୧୯୩୫ର ମୋଟ୍ ୧ ଏକର ୧୬୦ ଡିସିମିଲର ଜମିର ମାଲିକ ଲିଙ୍ଗରାଜ ମହାପ୍ରଭୁ ମାର୍ଫତ୍ ଟଷ୍ଟିବୋର୍ଡ ଓ ମଧ୍ୟସତ୍ତ୍ୱାଧିକାରୀ ସୁଦର୍ଶନ ଭାରତୀ ଗୋସ୍ୱାମୀ ମଠ। କଟକ–ପୁରୀ–ବାଲେଶ୍ୱର ଜିଲ୍ଲା ରିଭିଜନ୍ ବନ୍ଦୋବସ୍ତ ନିମନ୍ତେ କିସ୍ତାୱାର ଓ ଖାନପୁରୀ ନିୟାମାବଳୀ ୧୯୬୪ ଅନୁଯାୟୀ ଏହା କେବଳ ମହାପ୍ରଭୁଙ୍କ ସମ୍ପତ୍ତି। କୌଣସି ସେବାୟତ କିମ୍ବା ଜମିରେ ଚାଷ କରୁଥିବା ବ୍ୟକ୍ତିଙ୍କ ନାଁରେ ଜମି ହୋଇ ପାରିବ ନାହିଁ। କିନ୍ତୁ ମନ୍ଦିର ଜମିକୁ ଭଡାରେ ନେଇ ଚାଷ କରୁଥିବା ଲିଙ୍ଗା ପ୍ରଧାନ ଓ ବ୍ରଜ ପ୍ରଧାନଙ୍କ ଉତ୍ତରାଧିକାରୀମାନେ ଜମିକୁ ନିଜ ନାଁରେ ପଟ୍ଟା କରି ବିକି ଦେଇଛନ୍ତି। ମନ୍ଦିର ସମ୍ପତ୍ତି ସୁରକ୍ଷା ଦାୟିତ୍ୱରେ ଥିବା ଟ୍ରଷ୍ଟ ବୋର୍ଡ ଓ ଦେବୋତ୍ତର ବିଭାଗର ନିଷ୍କ୍ରିୟତା ପାଇଁ ଲିଙ୍ଗରାଜଙ୍କର କୋଟି କୋଟି ଟଙ୍କାର ସମ୍ପତ୍ତି ହଡପ ହୋଇ ଚାଲିଛି। ୨୦୨୦ ସେପ୍ଟେମ୍ବରରୁ ଏହି ସମସ୍ତ ସମ୍ପତ୍ତିର ଅସଲି ମାଲିକ ମହାପ୍ରଭୁ ଲିଙ୍ଗରାଜ ବୋଲି ଜଣାପଡିଛି। କିନ୍ତୁ ନକଲି ମାଲିକଙ୍କ କବ୍ ?ଜାରେ ରହିଯାଇଛି ଏହି ପୂରା ଅଞ୍ଚଳ। ସେପଟେ ଲିଙ୍ଗରାଜ ମହାପ୍ରଭୁ ନୁହଁନ୍ତି ବରଂ ଭାରତୀ ମଠ ହିଁ ବିବାଦୀୟ ଜମିର ଅସଲି ମାଲିକ କହି ବିବାଦରେ ମୋଡ ବୁଲାଇବାକୁ ଚେଷ୍ଟା କଲେଣି ମଠ ମହନ୍ତ। ସେ କହିଛନ୍ତି, ‘ସେ ସମ୍ପତ୍ତିର ମୂଳ ମାଲିକ ମଠ, ଲିଙ୍ଗରାଜ ମହାପ୍ରଭୁ ନୁହନ୍ତି। ଭାରତୀ ମଠ ହିଁ ସମସ୍ତ ସମ୍ପତ୍ତି ଫେରି ପାଇବ। କୋର୍ଟରେ କେସ ପେଣ୍ଡିଂ ଅଛି। କୋର୍ଟ ଯାହା ନିର୍ଦ୍ଦେଶ ଦେବେ। ମଠ କାହାକୁ ବି କୌଣସି ସମ୍ପତ୍ତି ବିକ୍ରି କରି ନାହିଁ। ଏହାକୁ ଲୋକ ମାଡି ବସିଛନ୍ତି। ଆଉ ଅନୈତିକ ଭାବେ ନିଜ ନାଁରେ ସମ୍ପତ୍ତି କରି ଦେଇଛନ୍ତି। ପ୍ରାୟ ୩୦ରୁ ୪୦ ବର୍ଷ ପୂର୍ବ ଏମିତି ହୋଇଛି ଫ୍ରଡ ପଟ୍ଟା ହୋଇଛି।’ସେପଟେ ମନ୍ଦିର ସମ୍ପତ୍ତି ଅସାଧୁ ଉପାୟରେ ଲୋକ ମାଡି ବସିଥିବା ଘଟଣା ଲୋକଲୋଚନକୁ ଆଣିଥିବା ସାମାଜସେବୀ ମମତା ସାମନ୍ତରାୟ କହିଛନ୍ତି, “ମନ୍ଦିର ଓକିଲ କୁପରାମର୍ଶ ଦେଉଛନ୍ତି। ତାଙ୍କ ପାଇଁ ଠାକୁର ମରିଯାନ୍ତୁ, ଠାକୁର ହାରନ୍ତୁ। କିନ୍ତୁ ଠାକୁର ସମ୍ପତ୍ତି ଖାଇ ଜମି ମାଫିଆ ଜିତନ୍ତୁ। ମନ୍ଦିରର ଦୁର୍ବଳ ପ୍ରଶାସକଙ୍କ ପାଇଁ ଜମି ଫେରି ପାଉନାହାନ୍ତି ଲିଙ୍ଗରାଜ ମହାପ୍ରଭୁ। ଏଥିରେ ଦେବୋତ୍ତର ବିଭାଗ କମିଶନ, ଆଇନ ବିଭାଗର ମନ୍ତ୍ରୀବି ସଂପୃକ୍ତି ଅଛନ୍ତି। ମିଛ ଆଇନ ଆଣି ଲିଙ୍ଗରାଜଙ୍କ ଜମି ହଡପ୍ କରିବାକୁ ବସିଛନ୍ତି ସରକାର।”ମହାପ୍ରଭୁ ଲିଙ୍ଗରାଜଙ୍କ ନାଁରେ ଏମିତି ଏକର ଏକର ଜମି ଉପରେ ରାଜ କରୁଛନ୍ତି କିଛି ନକଲି ମାଲିକ। ସରକାରୀ କଳ ଓ ସରକାରୀ ଦଳର ଫନ୍ଦି ଫିକର ଭିତରେ ମୁଷ୍ଟିମେୟ ପ୍ରଭାବଶାଳୀ ବ୍ୟକ୍ତି ଏହାର ଫାଇଦା ମଧ୍ୟ ଉଠାଉଛନ୍ତି। ରାଜସ୍ୱ ବିଭାଗ ଓ ମନ୍ଦିର ଦାୟିତ୍ୱରେ ଥିବା ଆଇନ ବିଭାଗର ସହ ଅସାଧୁ ସଂପର୍କ ରଖି ଜାଲ୍ କାଗଜପତ୍ର ଜରିଆରେ ମନ୍ଦିର ଜମିକୁ ବିକ୍ରି କରାଯାଉଛି। ଏହାର ସଦ୍ୟ ନମୁନା ହେଉଛି ଏୟାରପୋର୍ଟ ନିକଟସ୍ଥ ଏହି ବହୁ ମୂଲ୍ୟ ଜମି।

## ବାହୁ ଓ ଅର୍ଥ ବଳ ଜରିଆରେ ନିର୍ବାଚନ ଲଢୁଛି ବିଜେଡି : ବିଜେପି

ଭୁବନେଶ୍ୱର , ୮।୨(ପି.ଏନ): ସରକାରୀ କଳ, ବଳର ଅପବ୍ୟବହାର ସହିତ ଶାସକ ବିଜେଡି କାର୍ଯ୍ୟକର୍ତ୍ତାଙ୍କ ଗୁଣ୍ଡାଗର୍ଦ୍ଦି ଆଜି ରାଜ୍ୟର ସ୍ୱଚ୍ଛ ଗଣତନ୍ତ୍ର ପ୍ରତି ବଡ ବିପଦ ଆଣିଦେଇଛି । ଏହା ସତ୍ତ୍ୱେ ଭୋଟରମାନଙ୍କୁ ପ୍ରଭାବିତ କରିବା ପାଇଁ ସମସ୍ତ ବିଧିବ୍ୟବସ୍ଥାକୁ ଫୁ କରିଦେଇ ବ୍ୟାପକ ଭାବେ ଟଙ୍କା ପଇସାର ବଂଟନ ନିର୍ବାଚନ ଆଚରଣ ବିଧିକୁ ସଂପୂର୍ଣ୍ଣ ଉଲ୍ଲଂଘନ କରୁଛି । ଚଳିତ ପଂଚାୟତ ନିର୍ବାଚନରେ ଭୋଟରମାନଙ୍କୁ ଟଙ୍କା ପଇସା ବାଂଟି ଭୟଭୀତ କରାଇ ଜୋରଜବରଦସ୍ତ ଭୋଟ ହାତେଇବାର ବହୁ ଘଟଣାମାନର ଭିଡିଓ ଆଜି ସର୍ବସାଧାରଣରେ ଭାଇରାଲ ହେଉଛି । ଏହି ପରିପ୍ରେକ୍ଷୀରେ ଆଜି ବିଜେପି ତରଫରୁ ରାଜ୍ୟ ନିର୍ବାଚନ କମିଶନଙ୍କ ନିକଟରେ ତଥ୍ୟ ଓ ପ୍ରମାଣ ସହ ଅଭିଯୋଗ କରାଯାଇ ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବୀ କରାଯାଇଛି ।ମାଲକାନଗିରି ଜିଲ୍ଲା ଜିଲ୍ଲା ପରିଷଦ ଜୋନ–୩ ଗୁମୁଖା ପଂଚାୟତରେ ଏକ ନିର୍ବାଚନୀ ସଭାରେ ଶାସକ ବିଜେଡି ନେତୃବୃନ୍ଦଗଣ ଖୋଲାଖୋଲି ଭାବେ ଟଙ୍କା ବଂଟନ କରି ଦଳୀୟ ପ୍ରାର୍ଥୀଙ୍କୁ ଭୋଟ ଦେବା ପାଇଁ ନିର୍ଦ୍ଦେଶ ଦେଉଛନ୍ତି । ସେହିପରି ପୁରୀ ଜିଲ୍ଲା କାକଟପୁର ନିର୍ବାଚନମଣ୍ଡଳୀର ଜୋନ–୭ ରେ ମଧ୍ୟ ବିଜେଡି କାର୍ଯ୍ୟକର୍ତ୍ତାମାନେ ଧମକ ଚମକ ଦେଇ ଭୋଟରମାନଙ୍କୁ ଭୟଭୀତ କରିବାର ଦୃଶ୍ୟ ମଧ୍ୟ ଭାଇରାଲ ହୋଇଛି । ଏହି ଦୁଇଟି ଘଟଣାରେ ଶାସକ ବିଜେଡି କାର୍ଯ୍ୟକର୍ତ୍ତାଙ୍କ ଆଚରଣ ବିଧି ଉଲ୍ଲଂଘନକୁ ନେଇ ବିହୀତ ପଦକ୍ଷେପ ଗ୍ରହଣ ଦାବୀରେ ଆଜି ରାଜ୍ୟ ନିର୍ବାଚନ କମିଶନଙ୍କ ନିକଟରେ ବିଜେପି ଦାବୀ କରିଛି ।

## ଗବେଷକମାନଙ୍କ ପାଇଁ ଖୋଲା ହେବ ବିଧାନସଭା ପାଠାଗାର

ଭୁବନେଶ୍ୱର , ୮।୨(ପି.ଏନ): ବାଚସ୍ପତି ଡ. ସୂର୍ଯ୍ୟ ନାରାୟଣ ପାତ୍ର ବିଧାନସଭା ପାଠାଗାର ପରିଚାଳନା କ୍ଷେତ୍ରରେ ଏକ ଉଲ୍ଲେଖନୀୟ ନିଷ୍ପତି ଗ୍ରହଣ କରିଛନ୍ତି । ଏଣିକି ବିଧାନସଭା ପାଠାଗାରରେ ଅଧ୍ୟୟନ ସହ ଗବେଷଣାମୂଳକ କାର୍ଯ୍ୟକ୍ରମରେ ମଧ୍ୟ ଶିକ୍ଷାବିତ୍ ଗବେଷକ, ଲେଖକ, ସାମ୍ବାଦିକ, ସମ୍ବାଦପତ୍ର ସଂପାଦକ ଓ ରିସର୍ଚ୍ଚ ସ୍କଲାରମାନେ ବିଧାନସଭା ପାଠାଗାରର ଉପଯୋଗ କରିପାରିବେ । ସରକାରୀ କାର୍ଯ୍ୟଦିବସର ପୂର୍ବାହ୍ନ ୧୦ ଟା ।ଠାରୁ ଅପରାହ୍ନ ୫ଟା ୩୦ ମିନିଟ୍ ପର୍ଯ୍ୟନ୍ତ ସେମାନେ ଏହି ସୁଯୋଗ ପାଇପାରିବେ । ତେବେ ତା’ପୂର୍ବରୁ ସେମାନଙ୍କୁ ଏଥି ପାଇଁ ବାଚସ୍ପତିଙ୍କଠାରୁ ଲିଖିତ ଅନୁମତି ନେବାକୁ ପଡ଼ିବ । ପ୍ରକାଶଯୋଗ୍ୟ ଯେ ବିଧାନସଭା ପାଠାଗାରରେ ଅନେକ ଦୁର୍ଲଭ ପୁସ୍ତକ ଗଚ୍ଛିତ ଅଛି ଏବଂ ଗବେଷଣାମୂଳକ କାର୍ଯ୍ୟରେ ଏଗୁଡ଼ିକ ଉପଯୋଗିତା ଅନେକ କିଛି ଅଛି ।








# ଟି ଟାଇମ୍

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ’ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା’ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ସବୁଠାରୁ ବଡ଼ ଦାନ

ତୃଷିତଙ୍କୁ ପାଣିଦେବା ଓ କ୍ଷୁଧିତକୁ ଭୋଜନ ଦେବା ଦୁନିଆର ସବୁଠୁ ବଡ଼ ଦାନ ବୋଲି ଶାସ୍ତ୍ର କହିଥାଏ । ଭୋଜନ ଦେବା ପରେ ଯଦି ଭୋକ ଶାନ୍ତ ହୋଇଯାଏ ତ ସବୁ ବସ୍ତୁ ସୁନ୍ଦର ଦେଖାଯାଏ । କିନ୍ତୁ ଦୁଇ-ତିନିଦିନର ଭୋକିଲା ଲୋକକୁ ଟଙ୍କା ବିଡ଼ା ଦିଅଯାଏ ଅଥବା ସୁନା,ରୂପା ଦେଲେ ମଧ୍ୟ ସେ ନିଜର ପେଟକୁ ଖାଇବା ପାଇଁ ଅନୁରୋଧ କରିଥାଏ । ତେବେ ପେଟ ପୂରିବା ପରେ ଯାଇ ତାକୁ ଧନ ଦୌଲତ ଭଲ ଲାଗିଥାଏ । ଭୋକିଲା ଲେକଙ୍କୁ ଖାଦ୍ୟ ଦରକାର ଟଙ୍କାର ବିଡ଼ା ନୁହେଁ । ପେଟର ଭୋକ ଶାନ୍ତ ହେବାପରେ ଯାଇ ଟଙ୍କା, ସୁନା, ଘର ଦ୍ୱାରା, ସ୍ତ୍ରୀ, ପୁତ୍ର, ଭୋଗ ଜାଗ୍ରତ ହୋଇଥାଏ । ଶୋଷ ଲାଗିଲେ ସାରା ଦୁନିଆଁ ମଧ୍ୟ ନୀରସ ଦେଖାଯାଏ । ଶୋଷରେ ବ୍ୟାକୁଳ ଲୋକ ଗୋଟିଏ ମାତ୍ର ଜିନିଷ ଆବଶ୍ୟକ କରେ ତାହା ହେଉଛି ପାଣି । ପାଣି ହିଁ ଜୀବନ ଅଟେ ପାଣି ନମିଳିଲେ ଜୀବନ ମୃତ୍ୟୁସମାନ ହୋଇଯାଏ । ସେଥିପାଇଁ କୁହାଯାଇଛି ଜଳହିଁ ଜୀବନ । ତେଣୁ ଏଥିପାଇଁ କୁହାଯାଏ ଯଦି ଭୋକିଲା ଲୋକକୁ କିଛି ଖାଦ୍ୟ କିମ୍ବା ଶୋଇଲା ଲୋକଙ୍କୁ ଜଳଦାନ କରାଯାଏ ତେବେ ତାହା ସର୍ବଶେଷ୍ଠ ଦାନରେ ପରିଗଣତି ହୋଇଥାଏ, ଦାନ କରିଥିବା ବ୍ୟକ୍ତି ମୋକ୍ଷ ପ୍ରାପ୍ତି କରିଥାଏ ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ ।

# ପୁରାଣ କାହାଣୀ

## ପଣ୍ଡୁ ଓଷା



ମାର୍ଗଶିର ମାସର ପୂର୍ଣ୍ଣମା ଦିନ ଏହି ଓଷା ପାଳନ କରାଯାଏ । ମାର୍ଗଶିର ପୂର୍ଣ୍ଣିମାକୁ ପଣ୍ଡୁ ପୂର୍ଣ୍ଣିମା ମଧ୍ୟ କୁହାଯାଏ । ଏହି ସମୟରେ ହେମନ୍ତ ଋତୁ ସରି, ଶୀତର ଆରମ୍ଭ ହେଉଥାଏ । ସକାଳୁ ସକାଳୁ କୁହୁଡି ହେତୁ ସର୍ବତ୍ର ଫିକାଧଳା ବା ପାଣ୍ଡୁରା ବର୍ଣ୍ଣ ଦିଶୁଥାଏ । ଏଣୁ ଏହି ପୂର୍ଣ୍ଣିମାର ନାଁ ପଣ୍ଡୁ ପୂର୍ଣ୍ଣିମା କୁହାଯାଏ । ବଡ ଓଷା ପରି ଏହି ବ୍ରତକୁ ଗଜ ବସାଇ ପାଳନ କରାଯାଏ । ନାରୀମାନେ ଏହି ବ୍ରତ ମାଧ୍ୟମରେ ଯମରାଜଙ୍କୁ ପୂଜା ବା ଉପାସନା କରନ୍ତି । ଏହାର ମୁଖ୍ୟ ଉଦ୍ଦେଶ୍ୟ ପୁତ୍ର ସନ୍ତାନ କାମନା । ଏହି ବ୍ରତ ପାଳନରେ କିଛି ସ୍ୱତନ୍ତ୍ର ବିଧି ରହିଛି । ଏଥି ପାଇଁ ଗୃହ ଚଟାଣକୁ ଗୋବରରେ ଚକ୍କଣ କରି ଲିପାଯାଏ । ଚିତା ଓ ମୁରୁଜ ତା’ ଉପରେ ପକାଯାଏ । ଗଜକୁ ସ୍ଥାପନ କରାଯାଏ ଏବଂ ପୂଜନ ବିଶେଷକରି ପୁରୋହିତଙ୍କ ଦ୍ୱାରା ଯମରାଜଙ୍କୁ ଆବାହନ, ପୂଜନ ଏବଂ ନୈବେଦ୍ୟ ଅର୍ପଣ ପୂର୍ବକ ଭକ୍ତି ପ୍ରଣତି ବଢ଼ାଯାଏ । ଏହି ପୂଜାର ମୁଖ୍ୟ ଭୋଗ ହେଉଛି ମଣ୍ଡା ପିଠା । ପୂର୍ବ ପ୍ରସ୍ତୁତି ଅନୁଯାୟୀ ନୂଆ ଗୋବର ଲିପା ଟୋକେଇ ବା ପାଛିଆରେ ପୁରୁଣା ଧାନ ଆଣି ଢ଼ିଙ୍କିରେ କୁଟି ଚାଉଳ କରାଯାଏ । ଏହି ଚାଉଳକୁ ପୁଣି ଚୂନା କରି ସେଥିରେ ନଡିଆ ଦେଇ ନଡିଆ ମଣ୍ଡା କରାଯାଏ ଓ ପୂଜାଭୋଗ କରାଯାଏ । ଏହା ସହିତ ଖଇ, କଦଳୀ, ଫଳ ଏବଂ ଛେନା ଆଦି ଭୋଗ ମଧ୍ୟ ବଢ଼ାଯାଏ । ପଣ୍ଡୁଓଷା ଏକ ନିଷ୍ଠାର ବ୍ରତ । ନାରୀଜାତି ବିଶେଷ କରି ମା’ମାନଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଅଟେ ।

## ପଠାଣି ସାମନ୍ତ



ଆଜିର ଦିନରେ ମହାମହୋପାଧ୍ୟାୟ ସାମନ୍ତ ଚନ୍ଦ୍ରଶେଖରଙ୍କ ଜନ୍ମ ଦିନ ପାଳନ କରାଯାଉଛି । ୧୮୩୫ ମସିହା ଡିସେମ୍ବର ୧୩ ତାରିଖରେ ପୌଷ କୃଷ୍ଣ ଅଷ୍ଟମୀ ତିଥିରେ ଚନ୍ଦ୍ରଶେଖର ଖଣ୍ଡପଡାର ଏକ ରାଜବଂଶରେ ଜନ୍ମ ଗ୍ରହଣ କରିଥିଲେ । ବହୁ ସନ୍ତାନ ନଷ୍ଟ ହୋଇଯିବା ପରେ ମାତାପିତା ଚନ୍ଦ୍ରଶେଖରଙ୍କର ଦୀର୍ଘାୟୀ ଓ ମଙ୍ଗଳ କାମନା କରିଥିଲେ । ପରେ ଖଣ୍ଡପଡା ନିକଟସ୍ଥ ଖୁଣ୍ଟୁପଡା ନିକଟସ୍ଥ ଖୁଣ୍ଟୁପଡା ଗ୍ରାମସ୍ଥିତ ମହାଦେବ ଶ୍ରୀ ଶ୍ରୀ ଚନ୍ଦ୍ରଶେକରଙ୍କ ପ୍ରସାଦରୁ ଏହି ବାଳକ ଜନ୍ମ ଗ୍ରହଣ କରିଥିବାର ବିଶ୍ୱାସ କରି ପିତାମାତା ତାଙ୍କର ନାମ ଚନ୍ଦ୍ରଶେଖର ରଖିଥିଲେ । ଡାକ ନାମ ତାଙ୍କର ପଠାଣି ବି ଥିଲା । ପଠାଣିଙ୍କର ପୂରା ନାମ ହେଉଛି ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର । ଚନ୍ଦ୍ରଶେଖର ପିଲାବେଳୁ ଉଦାସୀନ, ମନଯୋଗୀ, ଏକାଗ୍ରଚିତ୍ତ, ଅଧ୍ୟବସାୟୀ ଓ ଉଦାରମନା ଥିଲେ । ବିଚିତ୍ରବର୍ଣ୍ଣ । ବ୍ରହ୍ମାଣ୍ଡର ନାକ୍ଷତ୍ରିକ ଗତିବିଧି ପ୍ରତି ଆକୃଷ୍ଟ ହୋଇଥିଲେ ସେ । ଜ୍ୟୋତିଷବିଦ୍ୟା ଜାଣିବା ପାଇଁ ଆଗ୍ରହୀ ହୋଇ ଦଶବର୍ଷ ବୟସରେ ପଠାଣି ନିଜ ବାପାଙ୍କ ଠାରୁ କିଛରି ଜ୍ୟୋତିର୍ବିଜ୍ଞାନ ଶିଖିଥିଲେ । ସେତେବେଳେ ତାଙ୍କ ବାପା ଜଣେ ପ୍ରଧାନ ଗାଣିତିକ ଥିଲେ । ବାପାଙ୍କ ସହିତ ଗଣିତ ଜ୍ୟୋତିଷର ଆଲୋଚନା ମାଧ୍ୟମରେ ଶିକ୍ଷା ଲାଭ କରିଥିଲେ । ସେ ପୁରାତନ ଜ୍ୟୋତିଷ ଶାସ୍ତ୍ରମାନ ପର୍ଯ୍ୟାଲୋଚନା କରି ତାରା ଜଗତର ଗତିବିଧି ଅନୁଧ୍ୟାନ କରିବା ସହ ସୂକ୍ଷ୍ମ ଯନ୍ତ୍ରମାନ ଉଦ୍ଭାବନ କରିଥିଲେ । ଦୁଇଟି ବାଉଁଶ ନଳ ସାହାଯ୍ୟରେ ଦୂର ପାହାଡକୁ ମାପି ଦୂରବୀକ୍ଷଣ ଯନ୍ତ୍ର ନିର୍ମାଣ କରିଥିଲେ । ପଠାଣୀ ସାମାନ୍ତ ୧୮୬୯ ରେ ‘ସିଦ୍ଧାନ୍ତ ଦର୍ପଣ’ ଲେଖିବା ଆରମ୍ଭ କରିଥିଲେ । ୧୮୯୨ ରେ ଏହି ଗ୍ରନ୍ଥ ରଚନା ଲେଖା ଶେଷ ହୋଇଥିଲା । ସିଦ୍ଧାନ୍ତ ଦର୍ପଣ ମୂଳତଃ ସଂସ୍କୃତ ଭାଷାରେ ଶ୍ଲୋକ ମାନଙ୍କରେ ରଚିତ, ଗ୍ରନ୍ଥଟିରେ ରହିଛି ଚବିଶଟି ପ୍ରକାଶ (ସର୍ଗ) । ଏହି ଗ୍ରନ୍ଥର ମୋଟ ଶ୍ଲୋକ ସଂଖ୍ୟା ୨୫୦୦ । ଏଥିରେ ପାଟି ଗଣିତ, ବୀଜଗଣିତ, ସ୍ଥୁଳ ଓ ସୂକ୍ଷ୍ମଗ୍ରହ ଗଣନା, ପଜୟାଦିର ବାଖ୍ୟା, ନଦୀ ଓ ପାହାଡମାନଙ୍କର ଭୌଗଳିକ ମାସ ଓ ସ୍ଥିତି ଆଦି ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ଓ ଶ୍ରୀକୃଷ୍ଣଙ୍କ ଆଶୀର୍ବାଦ ଭିକ୍ଷା କରାଯାଇଛି । ନିରବଚ୍ଛିନ୍ନ ଅଧ୍ୟବସାୟ, ଇଚ୍ଛାଶକ୍ତି ଓ ଅବିଶ୍ରାନ୍ତ ଗବେଷଣା ଫଳରେ ଦୂରଦୂରାନ୍ତର ଜ୍ୟୋତିଷ ମଣ୍ଡଳର ଗ୍ରହ ନକ୍ଷତ୍ରର ସ୍ଥିତି ଓ ଚଳନ ନିର୍ଭୁଲ ଭାବେ ଗଣନା କରିପାରୁଥିଲେ ପଠାଣି ସାମନ୍ତ ।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ସାଂସତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।

## ସିଂହ ସହିତ ବନ୍ଧୁତା



ସିଂହ, ବାଘ ଭଳି ହିଂସ୍ର ଜନ୍ତୁଙ୍କର ନାମ ଶୁଣିଲେ ସମସ୍ତଙ୍କ ମନରେ ଭୟ ଆସିଯାଏ । କିନ୍ତୁ ଜଣେ ଝିଅ ଅଛି ଯିଏ ସିଂହ ଓ ବାଘମାନଙ୍କ ଗହଣରେ ବିନା ଡରଭୟରେ ରହିଥାଏ । ହଁ, ଆଜ୍ଞା ନାମ୍ବିୟାର ବୁଶ ଗର୍ଲ ନାମରେ ପ୍ରସିଦ୍ଧ ମାର୍ଲିସି ଭାନଡେର ମେରୱେ ବିନା ଡରରେ ସିଂହ ଓ ବାଘ ପାଖକୁ ଯାଇଥାନ୍ତି । ସୋସିଆଲ ସାଇଡ୍ରେ ବି ଏହି ଝିଅର ସାହସିକତା ଭିଡ଼ିଓ ଭାଇରାଲ ହୋଇସାରିଲାଣି ଓ ସେ ଝିଅଟି ସେନ୍ ବୁସମେନ୍ ସମୁଦାୟ ପାଖରେ ରହୁଥିବା କାରଣରୁ ତାକୁ ବୁସ୍ ଗର୍ଲର ନାମ ଦିଆଯାଇଛି । କହି ରଖୁଛୁ ନାମ୍ବିୟାର ପ୍ରସିଦ୍ଧ ସଂରକ୍ଷଣବାଦୀ ଓ ଟିଭି କାର୍ଯ୍ୟକ୍ରମ ପ୍ରସ୍ତୁତକର୍ତ୍ତା ମର୍ଲିସି ଯିଏ ୩୦ବର୍ଷରୁ ଏହି ବନ୍ୟ ଜନ୍ତୁଙ୍କ ମଧ୍ୟରେ ରହିଆସୁଛନ୍ତି । କଥା କ’ଣ କି ନାମ୍ବିୟାର ଜାତୀୟ ଉଦ୍ୟାନରେ ବନ୍ୟଜନ୍ତୁଙ୍କ ମଧ୍ୟରେ ତାଙ୍କ ପିତାଙ୍କର ଫାର୍ମ ହାଉସ ଅଛି ଓ ସେଠି ୯ରୁ ଅଧିକ ଜଙ୍ଗଲୀ ଚିତା ଅଛନ୍ତି । ମର୍ଲସି ଚିତାମାନଙ୍କୁ ଡରିବା ପରିବର୍ତ୍ତେ ଚିତାମାନେ ତାଙ୍କର ବୋଲମାନନ୍ତି । ମର୍ଲସି ବିନା ଭୟରେ ତାଙ୍କର ମୋଟର ଗାଡ଼ି ଧରି ଚାଲିଯା’ନ୍ତି ଚିତାଙ୍କ ଗହଣକୁ । ଚିତା ଯେତେବେଳେ ଆକ୍ରମଣ କରିବା ପାଇଁ ଆସନ୍ତି ମର୍ଲସିଙ୍କୁ ଦେଖି ଶାନ୍ତ ହୋଇଯା’ନ୍ତି ।

## ସୁସ୍ଥ ପରିବେଶ ପାଇଁ ଅଶ୍ୱଥଙ୍କ ଉଦ୍ୟମ


ପରିବେଶକୁ ସୁହାଇବା ଭଳି ପଦକ୍ଷେପ ନେବାର ଆଇନକାନୁନ୍ ବନିଯାଉଛି । କାଗଜରେ ନିର୍ଦ୍ଦେଶ ବି ଆସୁଛି । ହେଲେ ତୃଣମୂଳ ସ୍ତରରେ ପରିବର୍ତ୍ତନର ଧାରା ଆଦୌ ଆରମ୍ଭ ହେଉନାହିଁ । ତା’ର କାରଣ ହେଲା, ସେହି ଜିନିଷ ବଦଳରେ ପରିବେଶ ଉପଯୋଗୀ ଜିନିଷର ଚଳନ କରୁନାହାନ୍ତି କେହି । ଏ ଅଭାବକୁ ବୁଝି ଜଣେ ଯୁବକ ନିଜ ବ୍ୟକ୍ତିଗତ ପ୍ରୟାସରେ ପଲିଥିନ୍ ବ୍ୟାଗ୍ ବଦଳରେ ପରିବେଶ ଉପଯୋଗୀ ବ୍ୟାଗ୍ ତିଆରି କରି ନିଜ ସହରର କଲ୍ୟାଣ ଦିଗରେ ଦେଉଛନ୍ତି ବଡ଼ ଯୋଗଦାନ ।...ବାଙ୍ଗାଲୋର ନଗରନିଗମ ପକ୍ଷରୁ ୨୦୧୨ରେ ସ୍ୱାସ୍ଥ୍ୟ ତଥା ପରିବେଶ ପାଇଁ ହାନିକାରକ ହେତୁ ପଲିଥିନର ବ୍ୟବହାର ବନ୍ଦ କରାଯାଇଥିଲା । କିନ୍ତୁ ଲୋକମାନଙ୍କ ପାଇଁ କୌଣସି ବିକଳ୍ପର ସୁବିଧା କରାଯାଇନଥିଲା । ଯାହାକି ସାଧାରଣ ଲୋକମାନଙ୍କ ପାଇଁ ଅନେକ ସମସ୍ୟା ସୃଷ୍ଟି କରିଥିଲା । ଆଉ ନିଜ ସହରବାସୀଙ୍କ ଏହି ସମସ୍ୟା ଅଶ୍ୱଥଙ୍କ ଚିନ୍ତାର କାରଣ ପାଲଟିଥିଲା । ସେ ଏହାକୁ ଦୂର କରିବା ଯୋଜନାର ଅନୁସନ୍ଧାନରେ ଲାଗିଯାଇଥିଲେ । ପ୍ରାୟ ଚାରିବର୍ଷର ପ୍ରସ୍ତୁତି ଓ ପ୍ରୟାସ ପରେ ଅଶ୍ୱଥ ପ୍ରତିଷ୍ଠା କଲେ ‘ଏନଭିଗ୍ରୀନ’ ନାମରେ ଏକ କମ୍ପାନୀ । ଏହି କମ୍ପାନୀ ଲୋକମାନଙ୍କୁ ଯୋଗାଇଦେଉଛି ପରିବେଶ ଅନୁକୂଳ ବିଭିନ୍ନ ବ୍ୟାଗ । ପ୍ଲାଷ୍ଟିକ ବ୍ୟାଗ ପରି ଦେଖାଯାଉଥିବା ଏହି ବ୍ୟାଗ ଗୁଡିକର ପ୍ରସ୍ତୁତ ପ୍ରଣାଳୀ ସମ୍ପୂର୍ଣ୍ଣ ଭିନ୍ନ ହୋଇଥାଏ । ବିନା କୌଣସି ରସାୟନିକ ସାମଗ୍ରୀର ବ୍ୟବହାରରେ କେବଳ ଆଳୁ, ପାଳୁଅ, କଦଳୀ, ତେଲ ଇତ୍ୟାଦି ୧୨ଟି ସାମଗ୍ରୀର ବ୍ୟବହାର କରାଯାଇ ପ୍ରସ୍ତୁତ କରାଯାଉଛି ବ୍ୟାଗ । ପ୍ରଥମେ ଏହି କଞ୍ଚାମାଲ ଗୁଡିକୁ ଏକ ତରଳ ପଦାର୍ଥରେ ପରିଣତ କରାଯାଇ ପରକୁ ପର ୬ଟି ଧାରାରେ ଗତି କରାଯାଇ ଏହା ପ୍ରସ୍ତୁତ କରାଯାଏ । ଏହି ବ୍ୟାଗ ଗୁଡ଼ିକୁ ଗୋଟିଏ ଗ୍ଲାସ ଥଣ୍ଡା ପାଣିରେ ବୁଡାଇ ରଖିଲେ ଗୋଟିଏ ଦିନରେ ଏହା ମିଳାଇଯିବ ଏବଂ ଯଦି ଗରମ ପାଣିରେ ଏହାକୁ ରଖାଯାଏ ତେବେ ମାତ୍ର ୧୫ ସେକେଣ୍ଡରେ ଏହା ମିଳାଇଯିବ । ବ୍ୟବହାର ଅନୁପୋଯୋଗୀ ହେବା ପରେ ଏହାକୁ ଫୋପାଡି ଦେବା ପରେ ଖୁବ୍ କମ୍ ଦିନ ମଧ୍ୟରେ ଏହା ମାଟିରେ ମିଳାଇଯିବ । ସମ୍ପୂର୍ଣ୍ଣ ଭାବେ ଖାଦ୍ୟପଦାର୍ଥରେ ପ୍ରସ୍ତୁତ ହୋଇଥିବାରୁ କୌଣସି ପଶୁ ଖାଇଲେ ମଧ୍ୟ ତାଙ୍କ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହେବ ନାହିଁ । କର୍ଣ୍ଣାଟକ ରାଜ୍ୟ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ମଧ୍ୟ ଏହି ବ୍ୟାଗକୁ ନେଇ ଅନେକ ପରୀକ୍ଷଣ କରାଯାଇଛି । ଏହି ବ୍ୟାଗ ଗୁଡିକୁ ଜଳାଇବା ଦ୍ୱାରା ନା ଏହା ତରଳୁଛି, ନାହିଁ ଏଥିରୁ କୌଣସି ରାସାୟନିକ ପଦାର୍ଥ କ୍ଷରଣ ହେଉଛି । ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଅଫ୍ ପ୍ଲାଷ୍ଟିକ ଇଞ୍ଜିନିୟରିଂ ଏବଂ ଶ୍ରୀରାମ ଇନଷ୍ଟିଚ୍ୟୁଟ ଫର୍ ଇଣ୍ଡଷ୍ଟ୍ରିଆଲ୍ ରିସର୍ଚ୍ଚ ପକ୍ଷରୁ ମଧ୍ୟ ଏହାର ପରୀକ୍ଷଣ କରାଯାଇ ବ୍ୟବହାର ନିମନ୍ତେ ଅନୁମତି ଦିଆଯାଇଛି । ସମସ୍ତ କ୍ଷେତ୍ରରୁ ଅନୁମତି ପାଇବା ପରେ ଅଶ୍ୱଥ ନିଜ ଟିମ୍ ର ୬୦ଜଣ ସଦସ୍ୟଙ୍କ ସହ ମିଶି ବାଙ୍ଗାଲୋରଠାରେ ଏକ କାରଖାନା ପ୍ରତିଷ୍ଠା କରିଛନ୍ତି । ଏହି କାରଖାନାରୁ ପ୍ରତି ମାସରେ ପ୍ରାୟ ୧ହଜାର ମେଟ୍ରିକ ଟନ୍ ବ୍ୟାଗ୍ ପ୍ରସ୍ତୁତ କରାଯାଉଛି । ତାଙ୍କର ଏହି ପ୍ରୟାସ ଦ୍ୱାରା କର୍ଣ୍ଣାଟକ ଗ୍ରାମାଞ୍ଚଳର କୃଷକ ମାନେ ମଧ୍ୟ ଲାଭବାନ ହୋଇପାରୁଛନ୍ତି । କମ୍ପାନୀ ସେମାନଙ୍କ ଠାରୁ କଞ୍ଚାମାଲ କିଣିବା ସହ ସେମାନଙ୍କୁ କଞ୍ଚାମାଲ ଉତ୍ପାଦନ ପାଇଁ ବିହନ ଯୋଗାଇ ଦେଉଛି । ଭାରତର ସବୁ ସ୍ଥାନରେ ଏହି ବ୍ୟାଗ ଗୁଡିକ ବର୍ତ୍ତମାନ ପର୍ଯ୍ୟନ୍ତ ମିଳିପାରିନାହିଁ କିନ୍ତୁ ଅଶ୍ୱଥଙ୍କ କାର୍ଯ୍ୟସ୍ଥଳ କତରରେ ଏହା ଉପଲବ୍ଧ ହୋଇପାରୁଛି । ଅଶ୍ୱଥଙ୍କ କହିବାନୁଯାୟୀ, କେବଳ ବାଙ୍ଗାଲୋର ପରି ସହରରେ ପ୍ରତି ମାସରେ ପ୍ରାୟ ୩୦ହଜାର ମେଟ୍ରିକ ଟନ୍ ବ୍ୟାଗର ଆବଶ୍ୟକ ହୋଇଥାଏ । ତେଣୁ ସମସ୍ତ ସହରରେ ଏହାର ବ୍ୟବହାର ପାଇଁ ଅଧିକ କାରଖାନା ପ୍ରତିଷ୍ଠା କରିବାର ଲକ୍ଷ୍ୟ ରଖିଛୁ । ବର୍ତ୍ତମାନ ପର୍ଯ୍ୟନ୍ତ ରିଲାଏନ୍ସ ପରି କମ୍ପାନୀ ମାନଙ୍କୁ ବ୍ୟାଗ ଯୋଗାଇ ଦିଆଯାଇଛି । ଚଳିତ ଡିସେମ୍ବରଠାରୁ ସେମାନେ ଏହାର ବ୍ୟବହାର ଆରମ୍ଭ କରିଦେଇଛନ୍ତି । ପରିବେଶ ସୁରକ୍ଷା ଦିଗରେ ଅଶ୍ୱଥଙ୍କ ଏହି ପ୍ରୟାସକୁ ଅନେକ ପରିବେଶବିତ୍ ପ୍ରଶଂସା କରିଛନ୍ତି ।






# ସତ୍ୟବାଦୀର ଶେଷ ସଖା-ଆଚାର୍ଯ୍ୟ ହରିହର





ପୁରୀ ଜିଲ୍ଲାର ସାକ୍ଷୀଗୋପାଳ ଗୋଟିଏ ପ୍ରସିଦ୍ଧ ତୀର୍ଥ ସ୍ଥାନ। ସମଗ୍ର ଭାରତରୁ ହଜାର ହଜାର ଯାତ୍ରୀ ସେଠାକୁ ଆସନ୍ତି। ଶ୍ରୀରାମଚନ୍ଦ୍ରପୁର ଗ୍ରାମ ସାକ୍ଷୀଗୋପାଳ ମନ୍ଦିରଠାରୁ ଅଳ୍ପ ଦୂରରେ ଥିବାରୁ ଓଡିଶାର ଅନ୍ୟ ଗ୍ରାମ ତୁଳନାରେ ଟିକିଏ ଆଗୁଆ ଥାଏ। ଏହି ଗ୍ରାମର ମହାଦେବ ବ୍ରହ୍ମାଙ୍କର ସେ ଅଂଚଳରେ ବେଶ୍ ଖାତିର। ୧୮୭୯ ମସିହା ଫାଲ୍‌ଗୁନ କୃଷ୍ଣ ଦ୍ୱିତୀୟା (ଫେବ୍ରୁଆରୀ ମାସ) ଶନିବାର ଦିନ ମହାଦେବ ବ୍ରହ୍ମାଙ୍କ ଯେଉଁ ପ୍ରଥମ ପୁତ୍ର ହେଲା ତାହାରି ନାମ ଦିଆଗଲା ହରି। ପାଂଚବର୍ଷ ବୟସରେ ହରି ମା'ଙ୍କୁ ହରାଇଥିଲେ। ମହାଦେବ ବ୍ରହ୍ମାଙ୍କର ଅଳ୍ପ ବୟସ ହୋଇଥିବାରୁ ସେ ଦ୍ୱିତୀୟ ବିବାହ କଲେ। ସାବତ ମା'ଙ୍କ ଦ୍ୱାରା ପାଳିତ ହୋଇଥିଲେ। ସାବତ ମା'ଙ୍କର ତିନିପୁଅଙ୍କ ନାମ ରାମ, ଗୋବିନ୍ଦ ଓ ଶଙ୍କର, ଝିଅ ନାମ ନିଶା ଥିଲା।

ଗାଁର ଭର୍ଣ୍ଣାକୁଲର ସ୍କୁଲରୁ ପାଶ୍‌କରି ହରି ପୁରୀ ଜିଲ୍ଲା ବିଦ୍ୟାଳୟରେ ନାମ ଲେଖାଇଥିଲେ। ପାଉଥିବା ଚାରିଟଙ୍କା ବୃତିରେ ସେ ମାସକର ଖର୍ଚ୍ଚ ବହନ କରିଥିଲେ। ସେଠାରେ ସେ ଗୋପୀନାଥ ଦାଶ ପାଖରେ ରହିଥିଲେ। ଗୋପୀ ଭାଇନାଙ୍କ ଦ୍ୱାରା ଗୋପବନ୍ଧୁ ଦାସଙ୍କ ସହିତ ପରିଚିତ ହେଲେ। ଗୋପବନ୍ଧୁଙ୍କର ପ୍ରଭାବ ହରି ଉପରେ ପଡିଲାରୁ ବିଲାତି ପତଳା ଲୁଗା ପିନ୍ଧିବାର କଳ୍ପନା ହରିଙ୍କର ମଉଳି ଗଲା। ଗୋପୀନାଥ ଓ ଗୋପବନ୍ଧୁଙ୍କର ପ୍ରଭାବରେ ହରି ପାଲଟିଗଲା ଜନତାର ସେବକ। ମାନବିକ ତଥା ବୈପ୍ଳବିକ ଭିତରେ ସେ ସାମଞ୍ଜସ୍ୟ ରଖି ପାରୁଥିଲେ। ଚିକିତ୍ସା ଅଭାବରୁ ଯେଉଁ ହଇଜା ରୋଗୀ ଚିତ୍କାର କରୁଛି ତାଙ୍କୁ ଅଭୟ ଦେବାପାଇଁ ସେ ଯେତିକି ଆଗଭର ହେଉଥିଲେ କୋରାପୁଟର ପାହାଡ, ଜଙ୍ଗଲ କୋଳରେ ରହିଥିବା ଆଦିବାସୀ ମନରେ ଅତ୍ୟାଚାର ବିରୁଦ୍ଧରେ ଶକ୍ତିର ସଂଚୟ କରିବା ପାଇଁ ମଧ ଠିକ୍ ସେହି ପରିମାଣରେ ବ୍ୟାକୁଳତା ଦେଖାଉଥିଲେ। ଅତ୍ୟାଚାର ସହି ସହି ଯେଉଁ ଦରିଦ୍ର ଲୋକଙ୍କର ଅଂଟା ନଇଁ ଯାଇଛି ସେମାନଙ୍କ ହାତଧରି, ଅଂଟାକୁ ଆଉଁସିଦେଇ ସିଧା କରିବା କାର୍ଯ୍ୟକୁ ହରି ସେବା ମନେକରୁଥିଲେ। ଅସହାୟର ଉଦ୍ଧାର ପାଇଁ ହିଁ ହରି ଜନ୍ମ ହୋଇଛନ୍ତି। ମାନବ ସମାଜର ସେବା ଯଜ୍ଞରେ ହରିଙ୍କୁ ଉତ୍ସାହର ଘିଅ ଯୋଗାଉଥିଲେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ। ହରିହର ପାଲଟିଗଲେ ବିପ୍ଳବୀ, ସଂସ୍କାରକ, ଶିକ୍ଷକ ଓ ଦଳିତ ନିର୍ଯ୍ୟାତିତମାନଙ୍କର କଳ୍ପବଟ।

ଆଜି ଓଡ଼ିଶାର ଯେଉଁ କୋଣକୁ ଯାଅ ଦେଖିବ ଆଚାର୍ଯ୍ୟ ହରିହରଙ୍କର ଛାତ୍ର। ଛୋଟବେଳୁ ହରିହର ନିଜ ପାଠ ପଢ଼ିବା ପରେ ଗାଁର ଅନ୍ୟ ଲୋକମାନଙ୍କୁ ପାଠପଢ଼ାନ୍ତି। ଦିନେଦିନେ ମା ଶ୍ରଦ୍ଧାଦେବୀ ହରିର ଘରକୁ ଫେରିବା ବିଳମ୍ବ ହେଲେ ବ୍ୟସ୍ତ ହୋଇପଡ଼ନ୍ତି। କୁହନ୍ତି "ତୁ ଏତେ ଲୋକଙ୍କୁ ପାଠ ପଢ଼ାଉଛୁ, ମୋତେ ଟିକିଏ ପଢ଼ାନ୍ତୁନି"? ଏତିକିରେ ହରି ହୋଇଗଲେ 'ମା'ର ଶିକ୍ଷକ। ନିଜ ମାମୁଁ ଅଜାଙ୍କ ଘରେ ପୁରୀରେ ରହି ପାଠ ପଢ଼ିଲେ। ଏଫ.ଏ.ପାଶ୍ ପରେ ହରିହର ପି.ଏଲ୍ ପଢ଼ିଲେ। କଟକରୁ ଯାଇ କଲିକତାରେ ଓକିଲାତି ପାଠ ପଢ଼ିଲେ। ଓକିଲାତିର ଶେଷ ପରୀକ୍ଷା ନଦେଇ ପୁରୀ ଜିଲ୍ଲା ସ୍କୁଲରେ ଆସି ଶିକ୍ଷକତା କଲେ। ସରକାରୀ ଚାକିରୀରେ ମନ ମାନିଲା ନାହିଁ। ନୀଳଗିରି ଗଡ଼ଜାତରେ ଗୋଟିଏ ପ୍ରସ୍ତାବିତ ହାଇସ୍କୁଲରେ କିଛି ଦିନ କାର୍ଯ୍ୟ କଲେ। ଏହି ସମୟରେ ଜାତୀୟ ଆନ୍ଦୋଳନ ମୁଣ୍ଡ ଟେକିଲାଣି। ପଲିଟିକାଲ ଏଜେଂଟ କବ୍‌ଡେନ୍ ରାମ୍‌ସେଙ୍କ ବିଷ ଦୃଷ୍ଟିରେ ଉକ୍ତ ହାଇସ୍କୁଲଟି ପଡିବାରୁ, ସେ ରାଜାଙ୍କୁ ସ୍କୁଲ ଭାଙ୍ଗିଦେବାକୁ ପରାମର୍ଶ ଦେଲେ। ସ୍କୁଲ ଭାଙ୍ଗିଲା, ତେଣୁ ହରିହର ନୀଳଗିରିରୁ କଟକର ପ୍ୟାରୀମୋହନ ଏକାଡେମୀକୁ ଚାଲିଆସିଲେ। କଟକରେ ସେ ନିଜର ଦକ୍ଷତା ଯୋଗୁଁ ସମସ୍ତଙ୍କର ପ୍ରିୟପାତ୍ର ହେଲେ। ୧୯୧୨ ମସିହାରେ ହରିହର ଚାଲିଲେ ସତ୍ୟବାଦୀରୁ ବକୁଳବନ ବିଦ୍ୟାଳୟକୁ। ଉତ୍କଳମଣି, ନୀଳକଣ୍ଠ, ଗୋଦାବରୀଶ, ନନ୍ଦକିଶୋର ଓ କୃପାସିନ୍ଧୁଙ୍କ ଗହଣରେ ସେଠାରେ ସେ ଆଦର୍ଶ ବିଦ୍ୟାଳୟ ଚଳାଇବାରେ ସହଭାଗୀ ହୋଇଥିଲେ। ୧୯୧୨ରେ ଅସହଯୋଗ ଆନ୍ଦୋଳନ ଆରମ୍ଭ ହେଲା। ଗୋପବନ୍ଧୁ ଆନ୍ଦୋଳନରେ ଯୋଗ ଦେବାରୁ ସରକାର ସତ୍ୟବାଦୀ ଜାତୀୟ ବିଦ୍ୟାଳୟକୁ ବନ୍ଦ କରିଦେଲେ। ତଥାପି ହରିହର ଶିକ୍ଷାଦାନର ସୁଯୋଗ ସବୁବେଳେ ଖୋଜୁଥାନ୍ତି। ୧୯୩୦ରେ ହଜାରୀବାଗ ଜେଲ୍ ଭିତରେ ବନ୍ଦୀମାନଙ୍କୁ ପଢ଼ାଇବାର ଦାୟିତ୍ୱ ହରିହରଙ୍କ ଉପରେ ଥିଲା। ଭାରତଛାଡ ଆନ୍ଦୋଳନରେ ଯୋଗଦେଇ ସେ ୧୯୪୨ ମସିହା ଅଗଷ୍ଟମାସରେ ବ୍ରହ୍ମପୁର ଜେଲ୍‌ରେ ଅଟକବନ୍ଦୀ ହେଲେ। ଦୁଇବର୍ଷକାଳ ପ୍ରତିଦିନ ଜଗନ୍ନାଥ ଦାସ, ଲୋକନାଥ ମିଶ୍ର, ଗୋପବନ୍ଧୁ ଚୌଧୁରୀ ଓ ଭାଗୀରଥି ମହାପାତ୍ରଙ୍କ ମେଳରେ ବସି ହରିହର ଗୀତା ଓ ଉପନିଷଦ ପଢ଼ାନ୍ତି। ସେହିଠାରେ ସମସ୍ୱର ଶ୍ରୀମଦ୍ ଭାଗବତ ଗୀତା ରଚିତ ହୋଇଥିଲା। ମହାତ୍ମା ଗାନ୍ଧୀଙ୍କ ଡାକରାରେ ନୂତନ ଶିକ୍ଷାର ପ୍ରବର୍ତନ ପାଇଁ ଉତ୍କଳ ମୌଳିକ ଶିକ୍ଷା ପରିଷଦ ଗଠନ କରାଗଲା। ଏହି ପରିଷଦର ସଭାପତି ଥିଲେ ଆଚାର୍ଯ୍ୟ ହରିହର।

୧୯୩୦ ମସିହାର ଆଇନ ଅମାନ୍ୟ ଆନ୍ଦୋଳନର ଦାୟିତ୍ୱ ନେଲେ ଗୋପବନ୍ଧୁ ଚୌଧୁରୀ ଓ ଆଚାର୍ଯ୍ୟ ହରିହର। ଲବଣ ସତ୍ୟାଗ୍ରହ ଦଳ ସେହି ବର୍ଷ ଏପ୍ରିଲ ଛଅ ତାରିଖ ଦିନ କଟକଠାରୁ ବାଲେଶ୍ୱରର ଇଂଚୁଡି ଅଭିମୁଖେ ବାହାରିଲେ। ପ୍ରଥମେ ଗୋପବନ୍ଧୁ ଚୌଧୁରୀଙ୍କୁ ଗିରଫ କରିନିଆଗଲା। ଏପ୍ରିଲ ୧୩ ତାରିଖରେ ଲବଣ ଆଇନ୍ ଅମାନ୍ୟ କରିବାକୁ ଯାଇ ହରିହର ଗିରଫ ହେଲେ ଓ ହଜାରୀବାଗ ଜେଲରେ ରହିଲେ। ୧୯୩୧ରେ ହରିହର ଜେଲରେ ଥାଆନ୍ତି । ଗାନ୍ଧୀଜୀଙ୍କର ହରିଜନ ପଦଯାତ୍ରା ପୁରୀରୁ ଆରମ୍ଭ ହେଲା। ଯାତ୍ରାର ଶେଷବେଳକୁ ହରିହର ଜେଲରୁ ମୁକ୍ତିପାଇ ଗାନ୍ଧୀଜୀଙ୍କୁ ଦେଖାକଲେ। ୧୯୪୨ ମସିହାରେ "ଭାରତ ଛାଡ" ଆନ୍ଦୋଳନରେ ହରିହର ଯୋଗଦେଇ ଦୁଇବର୍ଷରୁ ଅଧିକ କାଳ ଜେଲରେ ରହି ୧୯୪୪ ଶେଷଭାଗରେ ଜେଲରୁ ମୁକ୍ତ ହେଲେ।

ହରିହର ଦୁଇଥର ବିବାହ କରିଥିଲେ ମଧ ତାଙ୍କ ଦୁଇଟି ସ୍ତ୍ରୀଙ୍କର ଅକାଳ ମୃତ୍ୟୁ ଘଟିଥିଲା। ଯୁବକ ଅବସ୍ଥାରୁ ସଂସାରିକ ସୁଖରୁ ମନକୁ ଫେରାଇନେଇ ସମାଜର ସେବାକୁ ଆଦରି ନେଇଥିଲେ। ଓଡ଼ିଶାର ନାରୀ ଜାଗରଣ ସମୟରେ ସେ ନାରୀମାନଙ୍କ ଭିତରେ ମାତା, ଭଗିନୀ ବା କନ୍ୟାର ରୂପହିଁ ଦେଖୁଛନ୍ତି। ୪୫ ବର୍ଷ ବୟସ ବେଳେ ୧୯୨୪ରେ ସେ ପୁରୀ ବିଧବାଶ୍ରମର ପରିଚାଳନା ଦାୟିତ୍ୱ ନେଇଥିଲେ। ହରିଜନ ଆନ୍ଦୋଳନର ନେତୃତ୍ୱ ଓଡ଼ିଶାରେ ହିଁ ହରିହର ନେଇଥିଲେ। ଅସ୍ପୃଶ୍ୟମାନଙ୍କୁ ଆପଣାର କରିନେଇଥିଲେ ହରିହର। ଜଣେ ଅସ୍ପୃଶ୍ୟ ଅନାଥ ଶବକୁ ଦାହ କରିଥିବାରୁ, ବ୍ରାହ୍ମଣମାନେ ହରିହରଙ୍କୁ ଜାତିରୁ ଅଟକ କରିବାପାଇଁ ଆଗଭର ହେଲେ। ଜଣେ ପଣ୍ଡିତ ମନୁ ସଂହିତାରୁ ଶୋଳ୍କ ପଢ଼ି ବୁଝାଇଦେଲେ ଯେ ଅନାଥର ଶବସତ୍କାର କଲେ ଅଶ୍ୱମେଧ ଯଜ୍ଞର ଫଳ ମିଳେ। ହରିଜନ ସେବା କରୁଥିବା ଜୟନ୍ତୀ କମିଟି ତରଫରୁ ଆଚାର୍ଯ୍ୟ ହରିହରଙ୍କୁ ୫ ହଜାର ଟଙ୍କା ଓ ମାନପତ୍ର ଦେବାର କଥା ଉଠିଲା। ହରିହର ଗରିବ ହରିଜନଙ୍କୁ ସେବା ପାଇଁ ଟଙ୍କା ନେବାକୁ ରାଜିହେଲେ। କିନ୍ତୁ ଅଭିନନ୍ଦନ ଗ୍ରନ୍ଥ ନେବାକୁ ଅରାଜି ହେଲେ। ଉତ୍କଳ ବିଶ୍ୱବିଦ୍ୟାଳୟର ଡକ୍ଟରେଟ୍, ଉପାଧି ଗହଣ କରିବାକୁ ଅସ୍ୱୀକାର କରିଦେଇଥିବା ମଣିଷଟିଏ ଗରିବର ସେବା ପାଇଁ ଅଭିନନ୍ଦନର ଗ୍ରନ୍ଥଟିକୁ ଗ୍ରହଣକଲେ।

ଓଡ଼ିଶାର ସ୍ୱାଧୀନତା ଆନ୍ଦୋଳନର ପ୍ରକୃତ ଚିତ୍ର ଯେତେବେଳେ ମନ ମଧ୍ୟକୁ ଆସେ, ଆଚାର୍ଯ୍ୟ ହରିହରଙ୍କର ଦେଶପ୍ରତି ମୂଲ୍ୟବାନ ଦାନ, ମହାନ୍ ସଂଗ୍ରାମ ପ୍ରତି କିଭଳି ରହିଛି ତାହାର ଉଲ୍ଲେଖ ବିଶେଷ ଭାବରେ ଦେଖାଯାଏ। ୧୯୨୮ରେ ଗୋପବନ୍ଧୁଙ୍କର ଦେହାନ୍ତ ଓ ୧୯୪୮ରେ ଗାନ୍ଧୀ ଗୁଳି ଚୋଟରେ ଟଳି ପଡିବାର ଦାରୁଣ ଦୁଃଖାନ୍ତକ ଘଟଣା ତାଙ୍କ ମନରୁ ସମସ୍ତ ଆନନ୍ଦ ନେଇଯାଇଥିଲା। ସେହିଦିନଠାରୁ ସବୁ କାମ ଚାଲେ ସତ, କିନ୍ତୁ ମନରେ ଆନନ୍ଦ ନଥାଏ। ବିନୋବାଜୀଙ୍କ ଭୂଦାନ ଆନ୍ଦେଳନରେ ଯୋଗଦେଇ ମନପ୍ରାଣଦେଇ କାର୍ଯ୍ୟ ଆରମ୍ଭ କଲେ। ୧୯୫୪ ମସିହାବେଳକୁ ଜଣାପଡିଲା ଯେ ସେ ଦୃଷ୍ଟିଶକ୍ତି ହରାଇବସିଲେଣି। ଫକୀର ମିଶ୍ରଙ୍କ ସାହାଯ୍ୟରେ ହରିହର ଚଳପ୍ରଚଳ କରୁଥାଆନ୍ତି। ୧୯୫୮ ଏପ୍ରିଲ ୨୯ ତାରିଖରେ ଗୋପବନ୍ଧୁ ଚୌଧୁରୀ ସଂସାର ଛାଡି ଚାଲିଗଲେ। ଆଚାର୍ଯ୍ୟ ହରିହରଙ୍କ ଉପରେ ପଡ଼ିଲା ଶକ୍ତ ଧକ୍‌କା। ସେ ଏକାବେଳକେ ତଟସ୍ଥ ହୋଇଗଲେ। ସଂପୂର୍ଣ୍ଣରୂପେ ଭାଙ୍ଗି ପଡିଲା ପୂର୍ବରୁ ତାଙ୍କର ମନେପଡିଗଲା ରମାଦେବୀଙ୍କ କଥା। ମନର କୋହକୁ ଚାପି ଅଶୀ ବର୍ଷର ବୃଦ୍ଧ ଉପରକୁ ଦେଖାଇଥିଲେ ଅନେକ ସାହାସ। ଗୋପବାବୁଙ୍କ ଭୂଦାନ ଆନ୍ଦୋଳନର ଦାୟିତ୍ୱ ନେଲେ ହରିହର।

୧୯୬୨ରୁ ୧୯୬୮ ପର୍ଯ୍ୟନ୍ତ ପୁରୀ ଗୋପବନ୍ଧୁ ଭବନରେ ଆଚାର୍ଯ୍ୟ ହରିହର ରହିଲେ। ସେତେବେଳକୁ ତାଙ୍କର ବଳ କମି ଆସିଲାଣି ସତ ତଥାପି ମନର ବଳରେ ମଝିରେ ମଝିରେ ବୁଲି ଯାଇ କର୍ମୀମନଙ୍କୁ ପ୍ରେରଣା ଦେଇଥାନ୍ତି। ମାତ୍ରାଧିକ ବୟସ ଯୋଗୁଁ ସେ ଅନେକ କଥା ଭୁଲି ଯାଉଛନ୍ତି। ଅନେକ ସମୟରେ ଡାକ୍ତରମାନଙ୍କର ପରାମର୍ଶ ଲୋଡା ପଡୁଛି। ତାଙ୍କର ଦେହ ଖରାପ ରହିବାରୁ ତାଙ୍କୁ କଟକ ଥୋରିଆସାହିର ଭୂଦାନ ଅଫିସକୁ ଆଣି ରହିବାର ବ୍ୟବସ୍ଥା କରାଗଲା। ୧୯୭୧ ଫେବ୍ରୁଆରୀ ୨୧ ତାରିଖ ରବିବାର ଛଅଟା ପଚାଶ ମିନିଟ୍‌ରେ ଆଚାର୍ଯ୍ୟ ହରିହର ଦାସ ଚିରଦିନ ପାଇଁ ଆଖି ବୁଜିଦେଲେ। କ୍ରମେ ଲୋକ ଗହଳି ହୋଇଉଠିଲା ଥୋରିଆ ସାହିର ଭୂଦାନ ଅଫିସ୍ । ହଠାତ୍ ତୀର୍ଥ ପାଲଟିଗଲା । ସତ୍ୟର ପୂଜାରୀ, ଦୁଃସ୍ଥ, ନିସ୍କେଷିତ, ଦରିଦ୍ର ଓ ଆର୍ତରବନ୍ଧୁ । ଓଡିଶାର ଶିକ୍ଷା, ସଂସ୍କାର ଓ ସ୍ୱାଧୀନତା ଆନ୍ଦୋଳନର ଅଗ୍ରଦୂତ, ପଂଚସାଖାଙ୍କ ମଧ୍ୟରୁ ଶେଷସଖା ମରି ବି ଅମର ରହିଗଲେ ଆମ ପାଖରେ।

**ଅକ୍ଷୟ କୁମାର ରାଉତ**, ପାରାଦ୍ୱୀପ ଗଡ଼, କୁଜଙ୍ଗ, ଜଗତ୍‌ସିଂହପୁର, ମୋ: ନଂ-୯୯୩୭୬୯୧୪୭୫

# ମହାକାଳପଡା ଗୋଗୁଆ ପଞ୍ଚାୟତରେ ସମିତିସଭ୍ୟ ପ୍ରାର୍ଥୀ ପ୍ରତାପ ଦାସଙ୍କୁ ନେଇ ଚର୍ଚ୍ଚା




କେନ୍ଦ୍ରାପଡ଼ା (ପିଏନ୍): ଚର୍ଚ୍ଚିତ ସମାଜସେବୀ ପ୍ରତାପ କୁମାର ଦାସ ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ମହାକାଳପଡା ବ୍ଳକର ଗୋଗୁଆ ପଞ୍ଚାୟତରୁ ସମିତିସଭ୍ୟ ଭାବେ ପ୍ରାର୍ଥୀ ହୋଇଛନ୍ତି। ସେ ରାତିଦିନ ଅକ୍ଳାନ୍ତ ପରିଶ୍ରମ



କରି ଘର ଘର ବୁଲି ତାଙ୍କ ସପକ୍ଷରେ (କେଟଲି ଚିହ୍ନରେ)ଭୋଟଦେବା ପାଇଁ ଭୋଟରମାନଙ୍କୁ ନିବେଦନ କରିଛନ୍ତି। ସେ ବୟଷ୍କ ଭୋଟରମାନଙ୍କ ଠାରୁ ଆଶୀର୍ବାଦ ନେବାର ଫଟୋ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ସେ କହୁଛନ୍ତି ଏହି ପଦରେ ଜିତିବା ପରେ ଗୋଗୁଆ ପଞ୍ଚାୟତର ଉନ୍ନତି ପାଇଁ ସରକାରଙ୍କ ଯେଉଁସବୁ ପାଣ୍ଠି ଆସିବ ତାହାକୁ ଲୋକଙ୍କ ଦ୍ୱାରା କମିଟି ଗଠନ କରି ଖର୍ଚ୍ଚ କରିବି। କୌଣସି ଠିକାଦାର ଠାରୁ ଟଙ୍କାଟିଏ ପିସି ନେବିନାହିଁ କି ନିର୍ବାଚନ ସମୟରେ କୌଣସି ଭୋଟରଙ୍କୁ ମଦମାଂସ ଦେଇ ଆକୃଷ୍ଟ କରିବି ନାହିଁ। କାରଣ ମୁଁ ଜଣେ ଆଇନ ଛାତ୍ର। ଆଇନ ଛାତ୍ର ହିସାବରେ ଆଇନ ପୁସ୍ତକରୁ ଅଧ୍ୟୟନ କରିଛି ଯେ ଭୁଲ କାମ କରିବା ଓ କରାଇବା ଉଭୟ ଦଣ୍ଡନୀୟ ଅପରାଧ। ତେଣୁ ଆଇନକୁ ସମ୍ମାନ ଜଣାଇ କେବଳ ଲୋକଙ୍କ ଆର୍ଶ୍ରିବାଦ ଭିକ୍ଷା କରି ଏହି ନିର୍ବାଚନ ବୈତରଣୀ ପାର ହେବି। ବିଗତ ଦିନରେ ବନ୍ୟା, ବାତ୍ୟା ଓ ମହାମାରୀ ସମୟରେ ଲୋକଙ୍କ ସୁଖଦୁଃଖରେ ଛିଡା ହୋଇଛି। ତାହା ହେଉଛି ମୋର ପୁଞ୍ଜି। ମୋର ଦୃଢ ବିଶ୍ୱାସ ଓ ଭରସା ରହିଛି ଗୋଗୁଆ ପଞ୍ଚାୟତବାସୀ ମହାକାଳପଡା ବ୍ଳକର ଅନ୍ୟ ପଞ୍ଚାୟତବାସୀଙ୍କ ଠାରୁ ସମ୍ପୂର୍ଣ୍ଣ ଭିନ୍ନ। ସେମାନେ କେବେହେଲେ କୌଣସି ରାଜନେତାଙ୍କ ସାମୟିକ ପ୍ରଲୋଭନରେ ପ୍ରଲୋଭିତ ହେବେନାହିଁ। ସେମାନେ ନିଶ୍ଚିତ ଭାବେ ଜଣେ ଯୋଗ୍ୟ ପ୍ରାର୍ଥୀଙ୍କୁ ଭୋଟ ଦେବେ। ଯେଉଁ ପ୍ରାର୍ଥୀ ପୂର୍ବରୁ ଗୋଗୁଆ ପଞ୍ଚାୟତବାସୀଙ୍କ ସୁଖଦୁଃଖରେ ଛିଡା ହୋଇଛନ୍ତି ଲୋକେ ତାଙ୍କୁହିଁ ଭୋଟ ଦେଇ ଜୟଯୁକ୍ତ କରାଇବେ ବୋଲି ମୋର ପୂର୍ଣ୍ଣ ବିଶ୍ୱାସ ରହିଛି। ଏହି ପଞ୍ଚାୟତରେ ଉନ୍ନତ ରାସ୍ତାଘାଟ, ସବୁ ଘରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା, ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଗ୍ରାମୀଣ ଆବାସ ଯୋଜନାରେ ଖଣ୍ଡେ ଲେଖାଁଏ ଘର ଯୋଗାଇବା, ସବୁ ପିଲାଙ୍କୁ ଉଚ୍ଚ ଶିକ୍ଷିତ କରିବା, ସମସ୍ତ ଚାଷୀଙ୍କୁ ବୈଷୟିକ ଜ୍ଞାନ ପ୍ରଦାନ କରିବା, ମହିଳାମାନଙ୍କୁ ସଶକ୍ତିକରଣ କରି ଆତ୍ମନିର୍ଭରଶୀଳ କରାଇବା, ସର୍ବୋପରି ପଞ୍ଚାୟତବାସୀଙ୍କ ଅର୍ଥନୈତିକ ମାନଦଣ୍ଡରେ ଉନ୍ନତି ଆଣିବା ମୁଦା ନେଇ ମୁଁ ନିର୍ବାଚନ ଲଢୁଛି ବୋଲି ଶ୍ରୀ ଦାସ କହିଛନ୍ତି। ଶ୍ରୀ ଦାସ ଛାତ୍ର ଜୀବନରୁ ରାଜନୀତିରେ ପ୍ରବେଶ କରିଥିଲେ। ସେ କେନ୍ଦ୍ରାପଡା ସ୍ଥିତ ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟରେ ଅଧ୍ୟୟନ ବେଳେ ଛାତ୍ର ସଂସଦ ସଭାପତି ହୋଇଥିଲେ। ପିଲାଟି ଦିନରୁ ସେ ବିଜୁବାବୁଙ୍କର ଜଣେ ବଡ ଫ୍ୟାନ ଥିଲେ। ଛାତ୍ର ଜୀବନରେ ବିଜୁବାବୁଙ୍କ ଜୀବନରେ ଅନୁପ୍ରାଣିତ ହୋଇ ପାଠପଢା ଶେଷ କରିଥିଲେ। ସେ ତାଙ୍କ ଯୁବକ ଅବସ୍ଥାରେ ନବୀନ ବାବୁଙ୍କର ଜଣେ ବଡ ଫ୍ୟାନ ଭାବେ ବେଶ ଜଣାଶୁଣା। ବିଜୁବାବୁ ଓ ନବୀନବାବୁ ଉଭୟଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ପ୍ରତାପ ଲୋକଙ୍କ ସେବା କରିବା ପାଇଁ ଗୋଗୁଆ ପଞ୍ଚାୟତରୁ ସମିତିସଭ୍ୟ ପ୍ରାର୍ଥୀ ହୋଇଥିବା ଗଣମାଧ୍ୟମରେ ପ୍ରକାଶ କରିଛନ୍ତି।

# ଧାନ କିଣାରେ ରାଜ୍ୟ ସରକାରଙ୍କ ଚାଷୀଙ୍କ ପ୍ରତି ଚରମ ପ୍ରତାରଣା



ଭୁବନେଶ୍ୱର (ପିଏନ୍)-ବର୍ତମାନ ସାରା ରାଜ୍ୟରେ ହଜାର ହଜାର ବସ୍ତା ଧାନ ମଣ୍ଡିରେ ପଡ଼ିଛି। ଅଦିନିଆ ବର୍ଷାଦ୍ୱାରା ଧାନ ଭିଜୁଛି, ସଢୁଛି। ଧାନର ମାନ ପରିବର୍ତାନ ହେଲାଣି। ମିଲର ଏହାର ସୁଯୋଜ ଉଣ୍ଡି ବିଭିନ୍ନ ଆଳ ଦେଖାଇ ପ୍ରତି କ୍ୱିଂଟାଲରେ ୫ରୁ ୧୦ କେଜି ଧାନ କାଟୁଛି। ଚାଷି ଧାନ ଦେବାରେ ୨୪ ଘଂଟା ପରେ ତାର ପ୍ରାପ୍ୟ ପାଇବା କଥା କିଁ ବହୁ ସ୍ଥାନରେ ୮ରୁ ୧୦ ଦିନ ବିତିଯାଇଥିଲେ ମଧ ଚଷୀର ଆକାଉଂଟକୁ ଟଙ୍କା ଆସୁ ନାହିଁ। ଜାଣିଶୁଣି ମଣ୍ଡିକୁ ଟାର୍ଗେଟ କମାଇ ଦିଆଯାଉଛି। ସରକାର ଧାନ କିଣିବା ପରିବେର୍ତ ମିଲର ତାର ମନମାନିରେ ଧାନ କିଣୁଛି। ବ୍ୟବସ୍ଥିତ ଢ଼ଙ୍ଗରେ ମଣ୍ଡି ଚାଲୁନାହିଁ। ଅନେକ ଜିଲ୍ଲାରେ ମଣ୍ଡି ଭିର୍ତିଭୂମି ନାହିଁ, କିମ୍ବା ଗୋଦାମ ଘର ନାହିଁ। ସରକାର ଚାଷୀଙ୍କ ସ୍ୱାର୍ଥ ପରିବର୍ତେ ମିଲର ମାନଙ୍କ ସ୍ୱାର୍ଥକୁ ବେଶି ଗୁରୁତ୍ୱଦେଉଛିଁ । ଏବେ ଧାନକିଣା ଏକ ପ୍ରହସନରେ ପାଲିଟିଛି କେବଳ କାଗଜ କଲମରେ ଚାଲିଛି ଧାନକିଣା। ସରକାରର ଏଥିପ୍ରତି ମଧ ନିଘା ନାହିଁ ବୋଲି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ କମିଟି କିଷାନସେଲ ଅଧକ୍ଷ ଶ୍ରୀ ଅମିୟ କୁମାର ପଟ୍ଟନାୟକ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଏଥିପାଇଁ ସଂପୂର୍ଣ୍ଣ ଦାୟୀ କରିଛନ୍ତି। ସରକାର ଆମଗାଁ ଆମ ବିକାଶ କଥାର ଡିଣ୍ଡିମ ପିଟୁଥିବା ବେଳେ ରାଜ୍ୟ ଜନସଂଖ୍ୟାର ୭୦ପ୍ରତିଶତ ହେଲେ ଚାଷୀ କିଁ ସରକାରଙ୍କ ଖାତାରେ ଚାଷୀ ନାହିଁ। ଏ ଅଣଦେଖା କ'ଣ ପାଇଁ? ମିଲର ପ୍ରଶାସନ ଓ ସରକାରଙ୍କ ମଧୂଚନ୍ଦ୍ରିକାରେ ଧାନ କିଣାଯିବାର ବ୍ୟବସ୍ଥା କରାଯାଇ ପଂଚାୟତ ନିର୍ବାଚନରେ ବିଜେଡ଼ି ଭୋଟ ହାତେଇବାକୁ ଚାଷୀଙ୍କ ଟଙ୍କା ଲୁଟ କରୁଛିଁ । ଚାଷୀ ଧାନ ବିକିବେ, ସରକାର ଧାନ କିଣିବେ, ମିଲର ଏହାକୁ ବୟଲ କରି ଚାଉଳ କରିବ। ରାଜ୍ୟର ଆବଶ୍ୟକ ପୂରଣ ପରେ ବଳକାଧାନର ଉତ୍ପାଦିତ ଚାଉଳକୁ ଏଫିସିଆଇ କିଣିବା କଥା କିଁ ଏଫିସିଆଇ କିଣୁନାହିଁ କେନ୍ଦ୍ର ସରକାରଙ୍କ ଜାଣିଶୁଣି ଏଦିଗରେ ରାଜନୀତି କରୁଛିଁ । ବାରମ୍ବାର ଦାବି କରାଯାଉଥିଲେ ମଧ ଧାନର କ୍ୱିଂଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ ୨୯୩୦ ଟଙ୍କାକୁ ବୃଦ୍ଧି କରାଗଲା ନାହିଁ। ଏମଏସପିର ଆଇନଗତ ଗ୍ୟାରେଂଟି ମିଲିଲା ନାହିଁ। କିଁ ଅପରପକ୍ଷେ ପ୍ରଧାନମନ୍ତ୍ରୀ ଚଳିତ ବର୍ଷ ସୁଦ୍ଧା ଚାଷୀର ଆୟ ଦୁଇଗୁଣା କରିବେ ବୋଲି ୫ବର୍ଷ ତଳେ ଦେଇଥିବା ପ୍ରତିଶ୍ରୁତି କେବଳ ଘୋଷଣାରେ ରହିଛି। ଚାଷୀଙ୍କ ଧାନ କିଣାଯାଉ ନାହିଁ କିମ୍ବା ଏଫିସିଆଇ ରାଜ୍ୟରୁ ଚାଉଳ କିଣାଯାଉ ନାହିଁ। ଫଳରେ ବିଜେଡ଼ି ଓ ବିଜେପି କଳିରେ ଚାଷୀ ପଡୁଛି ବଳି ବୋଲି ଶ୍ରୀ ପଟ୍ଟନାୟକ କହିଛିଁ ।

ଓଡ଼ିଶାରେ ଖରିଫରେ ୫୨ଲକ୍ଷ ମେଟ୍ରିକ ଟନ ଚାଉଳ ଉତ୍ପାଦନ ହେଉଛି। ହେବ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନରେ ୨୪ଲକ୍ଷ ମେଟ୍ରିକଟନ ଚାଉଳ ବଂଟନ ପରେ ବାକି ୨୮ଲକ୍ଷ ମେଟ୍ରିକ ଟନ ଚାଉଳରୁ ଅରୁଆ ମାତ୍ର ୪ଲକ୍ଷ ମେଟ୍ରିକ ଟନ। ଆଉ ବଳକା ୨୪ଲକ୍ଷ ମେଟ୍ରିକ ଟନ ଚାଉଳ ଏଫିସିଆଇ କିଣିବା କଥା। ଏବେ ଏଫସିଆଇ ବଳାକ ଚାଉଳ କିଣୁ ନାହିଁ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଅରୁଆ ଚାଉଳ ପ୍ରସ୍ତୁତି ପାଇଁ ଓଡ଼ିଶାରେ କୌଣସି ଭିତିଭୂମି ସ୍ଥାପନ କରାଯାଇ ନାହିଁ। ରାଜ୍ୟରୁ ୯୦ ପ୍ରତିଶତ ଉଷୁନା ଚାଉଳ ଉତ୍ପାଦନ କରାଯାଉଛି। କେନ୍ଦ୍ର ହେଉ କି ରାଜ୍ୟ ହେଉ। ଏଥିରେ ଚାଷୀଙ୍କ ଦୋଷ କ'ଣ। ଉଭୟ ସରକାର ଚାଷୀଙ୍କୁ ପ୍ରତିଶ୍ରୁତି ଦେଇ ବାରମ୍ବାର ପ୍ରତାରିତ କରିଚାଲିଛିଁ ବୋଲି ଶ୍ରୀ ପଟ୍ଟନାୟକ କହିଛିଁ । ରାଜ୍ୟ ସରକାର ଅବିଳମ୍ବେ ଚାଷୀଙ୍କ ସମସ୍ତ ବଳକାଧାନ ନିର୍ଦ୍ଧାରୀତ ଏମଏସ୍‌ପିରେ କିଣିବା ସହ କେନ୍ଦ୍ର ସରକାର ରାଜ୍ୟର ଆଉ ବଳକା ୨୪ଲକ୍ଷ ମେଟ୍ରିକ ଟନ ଚୁର' ଉଠାଁ ବୋଲି କିଷାନ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଯାହାକି ଆସ'। ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ଉଭୟ ବିଜେପି ବିଜେଡ଼ି ଦଳକୁ ଚାଷୀ ଏହାର ଠିକଣା ଜବାବ ଦେବେ ବୋଲି ଅଧକ୍ଷ ଶ୍ରୀ ପଟ୍ଟନାୟକ। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପିସିସିର ବରିଷ୍ଠ ମୁଖପାତ୍ର ମନୋରନ ଦାଶ, ପିସିସି କିଷାନ କଂଗ୍ରେସ ରାଜ୍ୟ ସାଧାରଣ ସଂପାଦକ ସାଇ ପ୍ରସାଦ ପାତ୍ର ଉପସ୍ଥିତି ଥିଲେ।

# ବିଭିନ୍ନ ଇଟାଭାଟିରେ ଜିଲ୍ଲା ତଦାରଖ କମିଟିର ଚଢାଉ

ଖୋର୍ଦ୍ଧା (ପିଏନ)- ଗତ ଡିସେମ୍ବର ୨୦ ତାରିଖରେ'' ଶିଶୁଙ୍କ ପାଇଁ ଦିନଟିଏ'' ବୈଠକରେ ବାଲିଅନ୍ତା ବ୍ଲକ ଅଧିନରେ ଗଢି ଉଠିଥିବା ଅନେକ ଗୁଡିଏ ଇଟାଭାଟି ବେଆଇନ ଭାବରେ ଚାଲି ଆସୁଥିବା ବେଳେ ଇଟାଭାଟିରେ କାର୍ଯ୍ୟ କରୁଥିବା ଓଡିଶାର ବିଭିନ୍ନ ଜିଲ୍ଲା ସମେତ ଅନ୍ୟ ରାଜ୍ୟର ଶ୍ରମିକ ମାନଙ୍କର ପଂଜିକରଣ ହେଉ ନଥିବାରୁ ସେମାନଙ୍କ ଶିଶୁ ମାନଙ୍କର ସ୍ୱାସ୍ଥ୍ୟ ଓ ଶିକ୍ଷା ଉପରେ ଇଟାଭାଟି ମାଲିକମାନେ କୌଣସି ଗୁରୁତ୍ୱ ନ ଦେଉଥିବାରୁ ଅଭିଯୋଗ ଥିଲା। ଏହି ଅଭିଯୋଗକୁ ଖୋର୍ଦ୍ଧା ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ମନୋଜ କୁମାର ପାଢୀ ଗୁରୁତ୍ୱ ଦେବା ସହ ବିଷୟରେ ବିଭିନ୍ନ ବିଭାଗକୁ ନେଇ ଏକ ତଦାରଖ କମିଟି ଗଠନ କରିଥିଲେ । ଆଜି ଅଚାନକ ଏହି କମିଟି ବାଲିଅନ୍ତା ବ୍ଲକର ହିରାପୁର ଓ ଭିଙ୍ଗାରପୁର ବିଭିନ୍ନ ଇଟାଭାଟିରେ ଚଢାଉ କରି ଶିଶୁ ମାନଙ୍କ ସୁରକ୍ଷାକୁ ନେଇ ଭାଟିର ମାଲିକ ଓ ପ୍ରବନ୍ଧକଙ୍କ ସହ ଆଲୋଚନା କରାଯାଇଥିଲା । ଏହି ଇଟାଭାଟିରେ ରହୁଥିବା ଶିଶୁ ମାନଙ୍କର ସୁରକ୍ଷା ନିମନ୍ତେ ମାଲିକ ମାନଙ୍କ ଭୂମିକା ଉପରେ ସେମାନଙ୍କୁ ସଚେତନ କରାଯାଇଥିଲା । ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ସାମାଜିକ ଅଧିକାରୀ ରଞ୍ଜନ କୁମାର ଗୋଚ୍ଛାୟତ ସମ୍ପାଦନା କରିଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ବାଲିଅଁ। ବିଇଓ ହିମାଂଶୁ ଭୂଷଣ ଓଝା,ଜିଲ୍ଲା ଶିକ୍ଷା ଯୋଜନା ଅଧିକାରୀ ଦେବବ୍ରତ ବାରିକ ,ରାଜସ୍ୱ ପରିଚାଳକ ଅଶୋକ କୁମାର ଦାସ,ଶ୍ରମ ନିରୀକ୍ଷକ କାଳିପୁତ୍ର କୁଳଦୀପ ପ୍ରସାଦ,ଏଡଏଟ ଆକ୍ସନର ପୋଗ୍ରାମ ମ୍ୟାନେଜର ସରୋଜ କୁମାର ବାରିକ,ସମ୍ପାଦକ ଦୀପକ ରଞ୍ଜନ ପଣ୍ଡା,ବାଲିଅଁ। ଥାନାର ଏଏସ ଆଇ ହୃଷିକେଶ ବେହେରା ଓ ଚାଇଲଡ ଲାଇନର ସଦସ୍ୟମାନେ ଅଂଶ ଗ୍ରହଣ କରିଥିଲେ । ଆଗାମୀ ଦିନରେ ଏହି ତଦାରଖ କମିଟି ନିୟମିତ ଭାବରେ ବିଭିନ୍ନ ଇଟାଭାଟିରେ ଚଢାଉ କରିବ ବୋଲି ସୂଚନା ମିଳିଛି ।

## କରୋନା ସଚେତନତା ଓ ମାସ୍କ ଓ ସାନିଟାଜର୍ ବଣ୍ଟନ

ପାରାଦୀପ (ପିଏନ୍)- ପାରାଦୀପ ଉପକଣ୍ଠ ବିଜୟଚାନ୍ଦପୁର ଠାରେ ଭାରତୀୟ ମାନବ ଅଧିକାର ସଂଗଠନ ଓ ଇଫକୋର ସହଯୋଗୀ କ୍ରୋଡେଟ୍ ମିଳିତ ଭାବେ ଗ୍ରାମବାସୀଙ୍କୁ କରୋନା ସଚେତନତା କରାଯାଇଥିଲା। ମାନବ ଅଧିକାର ସଂଗଠନର ଜିଲ୍ଲା ସଭାପତି ଶିବ ପ୍ରସାଦ ପଣ୍ଡିତ, ଉପସଭାପତି ଜାନକୀ ସର୍ଦ୍ଦାର କାର୍ଯ୍ୟକ୍ରମ ପରିଚାଳନା କରିଥିଲୋ ଇଫକୋ କ୍ରୋଡେଟ୍‌ର ଅଧକ୍ଷ କୁଳମଣି ମାଝୀ କାର୍ଯ୍ୟକ୍ରମରେ ଯୋଗ ଦେଇ ଗ୍ରାମବାସୀଙ୍କୁ କରୋନା ସଚେତନାତାର ବାର୍ତ୍ତା ଦେଇଥିଲେ । ସାମାଜିକ ଦୂରତା ରଖିବା, ବାରମ୍ବାର ହାତ ଧୋଇବା,ମାସ୍କ ପରିଧାନ କରିବାକୁ ଆୟୋଜକମାନେ ସମସ୍ତଙ୍କୁ ନିବେଦନ କରିଥିଲେ । ଏହି ଅବସରରେ ସମସ୍ତଙ୍କୁ ମାସ୍କ, ସାନିଟାଇଜର,ସାବୁନ ବଣ୍ଟନ କରାଯାଇଥିଲା। ଭାରତୀୟ ମାନବ ଅଧିକାର ସଂଗଠନର ରାଜ୍ୟ ସଭାପତି ଲୋକନାଥ ଶଙ୍କର ସିଂ ଏହି କାର୍ଯ୍ୟକ୍ରମର ଉଚ୍ଚ ପ୍ରଶଂସା କରିଛିଁ ।

# ଡେରାବିଶ ବିକାଶ ପରିଷଦର ବୈଠକ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାର ଡେରାବିଶ ବିକାଶ ପରିଷଦର ଏକ ବୈଠକ ପରିଷଦ କାର୍ଯ୍ୟାଳୟ ଗୃହରେ ସଭାପତି ଦୁର୍ଯ୍ୟୋଧନ ସ୍ୱାଇଁଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଓଡିଶାର ଦୁଇ ବରପୁତ୍ର ନେତାଜୀ ସୁବାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ କରାଯାଇଥିଲା। ଏଥିରେ ସମ୍ପାଦକ ଦିବାକର ନାୟକ, ଅମ୍ବିକା ପ୍ରସାଦ ରଥ, କ୍ଷୀରୋଦ ଚନ୍ଦ୍ର ସାମଲ, ଅଭିମନ୍ୟୁ ସାହୁ, ଗୋଲକ ଚନ୍ଦ୍ର ସାହୁ, ନୀଳମଣି ବେହେରା, ଗୁରୁଚରଣ ନାୟକ ପ୍ରମୁଖ ଯୋଗଦେଇ ଆମର ମହାପୁରୁଷ, ସ୍ୱାଧୀନତା ସଂଗ୍ରାମର ଉଜ୍ଜ୍ୱଳ ତାରକାଙ୍କ ବଳିଷ୍ଠ ନେତୃତ୍ୱ ଓ ବଳିଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ସେମାନଙ୍କ ନୀତି ଓ ଆଦର୍ଶ ଆଗାମୀ ସମୟରେ ସମସ୍ତଙ୍କୁ ଅନୁପ୍ରାଣୀତ କରିବ ବୋଲି ବକ୍ତବ୍ୟ ରଖିଥିଲେ। ବରିଷ୍ଠ ସଦସ୍ୟ ଗୌରାଙ୍ଗ ଚରଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସଂଗ୍ରାମୀ ଅନିଲ ଜେନାଙ୍କ ଶ୍ରଦ୍ଧାଞ୍ଜଳି ସଭା



କେନ୍ଦ୍ରାପଡ଼ା (ପିଏନ୍) : ସଂଗ୍ରାମୀ ତଥା କେନ୍ଦ୍ରାପଡା ଜିଲ୍ଲା ସ୍ୱାଧୀନତା ସଂଗ୍ରାମୀ ସମିତି ଉପସଭାପତି ଅନିଲ ଚନ୍ଦ୍ର ଜେନାଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ସମାଜିକ ସଙ୍ଗଠନ 'ଆହ୍ୱାନ' ଏବଂ କେନ୍ଦ୍ରାପଡା ବାଲିଯାତ୍ରା ମହୋତ୍ସବ କମିଟିର ମିଳିତ ଆନୁକୁଲ୍ୟରେ ସ୍ଥାନୀୟ ପବ୍ଲିକ ରିଡିଂରୁମ ପରିସରରେ ଅଧାପକ ଅଜୟ ସମାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ୨ ମିନିଟ ନୀରବ ପ୍ରାର୍ଥନା ପରେ ସ୍ୱର୍ଗତ ଜେନାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସଙ୍ଗଠନ ସମ୍ପାଦକ ଆଇନଜୀବୀ ରମଣୀ ରଞ୍ଜନ ରାଉତରାୟ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ଅଧକ୍ଷ ନନ୍ଦ କିଶୋର ପରିଡା, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ବିପିନି ବିହାରୀ ବାରିକ, ସମ୍ମାନନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ଗଗନ ବିହାରୀ ଜେନା, ପ୍ରଦୀପ କୁମାର ଦାଶ, ଉପ ସଭାପତି ଧିରେନ୍ଦ୍ର ଦାସ, ସହସଂପାଦକ ସତ୍ୟବ୍ରତ ସିଂ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସ୍ୱର୍ଗତ ଜେନା ଜଣେ ସରଳ ନିରଳସ ଜୀବନଯାପନ କରୁଥିବା ମଣିଷ ଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫୁଲ୍ଲ କୁମାର ଦାସ, ମାନସ ଧଳ, ଶିକ୍ଷାବିତ ମନୋରଞ୍ଜନ ତ୍ରିପାଠୀ, ରଞ୍ଜନ ମଲିକ, ସାହିତ୍ୟ ସଂସଦ ସମ୍ପାଦକ ଶୁଭାଂଶୁ କୁମାର ଦାସ, ଦୀପକ ପ୍ରଧାନ, ମାନସ ସାହୁ, ସେକ ୟୁସୁଫ, ସୌକତ ଖାନ ପ୍ରମୁଖ ସ୍ୱର୍ଗତ ଜେନାଙ୍କ ବହୁମୁଖୀ ପ୍ରତିଭାର ଆଲୋକପାତ କରିଥିଲେ। ଶେଷରେ ଆଇନଜୀବୀ ଶେଷଦେବ ଦାସ କୃତଜ୍ଞତା ଜ୍ଞାପନ କରିଥିଲେ।




# ଚର୍ଚ୍ଚାରେ କେନ୍ଦୁଝର ଜିଲ୍ଲାର ୨୫ ନମ୍ବର ଜୋନ, ଭାଇ ଭାଇ ଭିତରେ ଲଢେଇ, ବିଜେଡିର ମଙ୍ଗ ଧରିଛନ୍ତି ରାଜ୍ୟ ଯୁବ ଉପସଭାପତି ରାଜା ଚକ୍ର: ବିଜେପିର ଭରଷା ମୋହନ

କେନ୍ଦୁଝର,(ପି.ଏନ): କେନ୍ଦୁଝର ଜିଲ୍ଲାରେ ଅନୁଷ୍ଠିତ ହେଉଥିବା ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ଯେତିକି ପାଖେଇ ଆସୁଛି ନିର୍ବାଚନ ସରଗରମ ସେତିକି ବଢିବାରେ ଲାଗିଛି । ବିଶେଷ କରି ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ଜିଲ୍ଲାପରିଷଦ ଜୋନ ଗୁଡିକରେ ପ୍ରଚାର ସରଗରମ ହେବାରେ ଲାଗିଛି । ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଗାଁ ରାଜନୀତି ସରଗରମ ହୋଇଉଠିଛି । କେନ୍ଦୁଝର ଜିଲ୍ଲାର ସଦର ଓ ତେଲକୋଇ ବିଧାନସଭା ନିର୍ବାଚନମଣ୍ଡଳୀର ୨୫ ନମ୍ବର ଜୋନ ଅସଂରକ୍ଷିତ ରହିଛି । ଏହି ପୃଷ୍ଠଭୂମି ପରେ ଶୁଆକାଟୀ ପରି ଖଣି ଅଂଚଳରେ ନିର୍ବାଚନ ଉଭୟ ଦଳ ପାଇଁ ସମ୍ମାନର ପ୍ରଶ୍ନ ହୋଇଛି । ସଦର ନିର୍ବାଚନମଣ୍ଡଳୀ ଅଧିନରେ ୪ଟି ପଞ୍ଚାୟତ ଏବଂ ତେଲକୋଇ ନିର୍ବାଚନମଣ୍ଡଳୀ ଅଧିନରେ ୭ଟି ପଞ୍ଚାୟତ ରହିଛି । ଏହି ଜୋନର ୭୫ ପ୍ରତିଶତରୁ ଅଧିକ ଭୋଟର ଅନୁସୂଚିତ ଜାତି ବର୍ଗର ଅଟନ୍ତି । ଚଳିତ ଥର ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଏହି ଜୋନ ଚର୍ଚ୍ଚାରେ ରହିଛି । ଏହି ଜୋନ ବିଜେଡିର ଦୁର୍ଗଭାବରେ ପରିଚିତ । ଏହି ଜୋନଟି ଅସଂରକ୍ଷିତ ହୋଇଥିବା ବେଳେ ଏଠାରେ ମୁଖ୍ୟତଃ ତ୍ରିମୁଖୀ ପ୍ରତିଦ୍ୱନ୍ଦିତା ଦେଖିବାକୁ ମିଳିଛି । ବିଜୁ ଜନତା ଦଳର ଅରୁଣ କୁମାର ବାରିକ ଓ ବିଜେପିର ରଣଜିତ ବାରିକଙ୍କ ମଧ୍ୟରେ ସିଧାସଳଖ ମୁକାବିଲା



ହେଉଛି । ଏହି ଆସନ ଏବେ ଦୁଇ ଭାଇଙ୍କ ମଧ୍ୟରେ ଲଢେଇ ଚର୍ଚ୍ଚାର କେନ୍ଦ୍ରବନ୍ଦୁ ହୋଇଛି । ୨୫ନମ୍ବରରେ ବିଜୁ ଜନତା ଦଳରୁ ଅରୁଣ କୁମାର ବାରିକ ପ୍ରାର୍ଥୀ ହୋଇଥିବାବେଳେ ତାଙ୍କ ବିରୋଧରେ ବିଜେପିରୁ ତାଙ୍କ କକାପୁଅ ଭାଇ ରିତ ବାରିକ ପ୍ରାର୍ଥୀ ହୋଇଛନ୍ତି । ବିଜେପି ପ୍ରାର୍ଥୀଙ୍କ ପାଇଁ ସଦର ବିଧାୟକ ମୋହନ ମାଝୀ ପ୍ରଚାର କରୁଥିବାବେଳେ ବିଜେଡି ପ୍ରାର୍ଥୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭରଷା,ଅରୁଣଙ୍କ ଉପରେ ରହିଛି ବୋଲି ଅରୁଣଙ୍କ ସମର୍ଥକମାନେ ପ୍ରକାଶ କରିଛନ୍ତି । ବିଜେଡି ହେଭିୱେଟ ନେତା ତଥା ଯୁବ ବିଜେଡି ରାଜ୍ୟ ଉପସଭାପତି ସୌମ୍ୟଶଙ୍କର ଚକ୍ର (ରାଜା) ଏହି ଜୋନର ପ୍ରଚାର ମଙ୍ଗ ଧରିଛନ୍ତି । ବାଂଶପାଳ ବ୍ଲକରେ ବିଜେଡି ସଂଗଠନ ବେଶ ମଜଭୂତ ରହିଥିବାବେଳେ ଚଳିତ ପଞ୍ଚାୟତ ନିର୍ବାଚନରେ ଦଳ ଗତ ଥରଠୁ ଭଲ ପ୍ରଦର୍ଶନ କରିବା ଲକ୍ଷ୍ୟରେ ରହିଛି । ଏହି ଜୋନରେ ବିଜେଡି ଏକତରଫା ବିଜୟ ଲକ୍ଷ୍ୟରେ ରଣନୀତି କରୁଛି । ଆଞ୍ଚଳିକ ସମସ୍ୟା ସମାଧାନ ପ୍ରତିଶ୍ରୁତି ପୂର୍ବକ ଭୋଟରଙ୍କ ନିକଟକୁ ପ୍ରାର୍ଥୀ ଯାଉଛନ୍ତି । କଂଗ୍ରେସ ଏହି ଜୋନରେ ନିଜର ଅସ୍ତିତ୍ୱ ଖୋଜୁଛି । ଏଠାରୁ ଦଳ ପଦ୍ମଶ୍ରୀ ଦୈତାରୀ ନାଏକଙ୍କ ବୋହୂ ରଙ୍ଗଲତା ନାଏକଙ୍କୁ ପ୍ରାର୍ଥୀ କରିଛି । ଗତ ୨୦୧୭ ନିର୍ବାଚନରେ ଏହି ଆସନ ବିଜେଡି ଅକ୍ତିଆରରେ ଥିଲା । ବିଜେଡିର ସୁକାନ୍ତି ଖମାରୀ ବିଜେପିର ରୀନା ଗଡମାଝୀଙ୍କ ଠାରୁ ୪୬୦୦ରୁ ଅଧିକ ଭୋଟ ପାଇ ଜୟଯୁକ୍ତ ହୋଇଥିଲେ । ଚଳିତ ଥର ଏହି ଜୋନକୁ ବିଜେଡି ନିଜ ଅକ୍ତିଆରରେ ରଖିବା ପାଇଁ କସରତ ଆରମ୍ଭ କରିଛି । ବିଶେଷ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛଶାସନ,ଆଦର୍ଶ ଏବଂ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ କୁ ଆଧାର କରି ଭୋଟରଙ୍କୁ ହାତେଇବାକୁ ସଫଳ ହେବ ବୋଲି ବିଜେଡି ପ୍ରାର୍ଥୀ ଅରୁଣ ବାରିକ କହିଛନ୍ତି । ଏହି ଜୋନରେ ମୋଟ ୩୧ହଜାର ୦୬୧ଟି ଭୋଟର ରହିଥିବାବେଳେ ସେଥିମଧ୍ୟରୁ ୧୪୯୬୧ ପୁରୁଷ ଏବଂ ୧୬୧୦୦ ମହିଳା ଭୋଟର ଅଛନ୍ତି । ୧୨୮ଟି ୱାର୍ଡ ଏବଂ ୧୧ଟି ପଞ୍ଚାୟତ ଯଥା ଟଣ,କରଙ୍ଗାଡିହି, ସାହାରପୁର, ଶୁଆକାଟୀ, ତଳକଇଁସାରୀ, ତଳଚମ୍ପେଇ, କୋଡିପଶା, ବାରାହାଗଡ, ଗୋନାସିକା, ବାୟାକୁମୁଟିଆ, କୁଅଁର ନେଇ ଗଠିତ । ଏଠାରେ ଫେବୃଆରି ୧୬ ତାରିଖରେ ଭୋଟ ହେବାକୁ ଯାଉଥିବାବେଳେ ପ୍ରାର୍ଥୀମାନେ ଘରକୁ ଘର ବୁଲି ପ୍ରଚାର କରୁଛନ୍ତି । ଭାଇ ଭାଇ ଲଢେଇରେ କିଏ ବାଜି ମାରିବ ତାହା ଦେଖିବାକୁ ବାକି ରହିଲା ।

## ୧୧ନଂ ଜୋନ୍‌ରେ ବିଜେପିର ପ୍ରଚାର

ଆନନ୍ଦପୁର,(ପି.ଏନ): ଘଷିପୁରା ବ୍ଲକ ୧୧ନଂ ଜିଲ୍ଲାପରିଷଦ ଜୋନ୍‌ରେ ବିଜେପି ପକ୍ଷରୁ ପ୍ରଚାର ଜୋରଦାର କରାଯାଇଛି । ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପୃଥୀରାଜ କୁଅଁର ଆଜି ମଦନପୁର ପଂଚାୟତର ଭଗାନଈ, ଷଟତିରା, ହସନପୁର ଗ୍ରାମକୁ ଯାଇ ଜିଲ୍ଲାପରିଷଦ ପ୍ରାର୍ଥିନୀ ସୌଦାମିନୀ ଚିନ୍ଦ୍ରା, ସରପଂଚ ପ୍ରାର୍ଥୀ କଳାକର ପେରେଇ, ସମିତିସଭ୍ୟ ପ୍ରାର୍ଥିନୀ ସ୍ନେହଲତା ଓଝାଙ୍କ ସପକ୍ଷରେ ପ୍ରଚାର କରିଛନ୍ତି । ପ୍ରାର୍ଥୀମାନେ ଭୋଟରଙ୍କ ଘର ଘର ବୁଲି ପ୍ରଚାର କରିଛନ୍ତି । ଦଳୀୟ ସମର୍ଥକ ଆତୁଳକୃଷ୍ଣ ଓଝା, ହେମନ୍ତ ବେହେରା, ନରହରି ବେହାରା, ବିଜୟ କୁମାର ସା, ମୋହନ ଚନ୍ଦ୍ର କୁଅଁର, ବାବୁଲି ସେଠୀ, ଅଜିତ୍ କୁମାର ବେହେରା, ସୁବାସ କୁଅଁର, ଅନନ୍ତ ନାୟକ, ନିରନ ପରିଡା, ବିଭୂତି ଓଝା, କେଶବ ଜେନା, ଅଭିମନ୍ୟୁ ପେରେଇ, କ୍ଷେତ୍ରବାସୀ ପେରେଇ, ନିର୍ମଳ ରଣା, ବିଦ୍ୟାଧର ନାୟକ ପ୍ରମୁଖ ସାମିଲ ଥିଲେ ।

## ପଲିଥିନ୍ ତଳେ ଭାଗିରଥିଙ୍କ ପରିବାର

ଘଷିପୁରା,(ପି.ଏନ): ଘଷିପୁରା ବ୍ଲକ ଅନ୍ତର୍ଗତ ରାଧିକାଦେଇପୁର ପଂଚାୟତ ଖାଲପାଳ ଗ୍ରାମର ଭାଗିରଥି ପାତ୍ରଙ୍କ ପରିବାର ଅତି ଦୟନୀୟ ଅବସ୍ଥାରେ କୁଡିଆ ଘର ଉପରେ ପଲିଥିନ୍ ଟାଣି ବସବାସ କରୁଛନ୍ତି । ସରକାର ଚାଳ ଛପର ଘରେ ରହୁଥିବା ଲୋକଙ୍କୁ ଆବାସ ପ୍ରଦାନ କରୁଥିବା ବେଳେ ପଂଚାୟତ ସ୍ତରରେ ଚଞ୍ଚକତା କରାଯାଇ ଥିଲାବାଲା ଲୋକେ ଏହି ଯୋଜନାରେ ଫାଇଦା ନେଉଛନ୍ତି । ବିଶେଷ କରି ଘଷିପୁରା ବ୍ଲକରେ ଏହି ଯୋଜନା ବାଟବଣା ହେଉଛି ଫଳରେ ଚାଳ ଛପର କରିନପାରି ବଜାରରୁ ପଲିଥିନ କିଣି ଘର ଉପରେ ପକାଇଛନ୍ତି । ଗ୍ରାମର ଭାଗିରଥି ପାତ୍ର ଅତ୍ୟନ୍ତ ଗରୀବ ଶ୍ରେଣୀର ହୋଇଥିବା ବେଳେ ଦୈନିକ ମୂଲ ମଜୁରୀ କରି ପରିବାର ଚଳାଇଥାନ୍ତି । ମଜୁରୀ ନମିଳିଲେ ଘର ଚଳାଇବା ମୁସ୍କିଲ ହୋଇପଡେ । ଘର ଚଳେଇବାରୁ ନିଜେ ସମର୍ଥ ନଥିବା ବେଳେ ଘର ତିଆରି କରିବେ କିପରି । ସାମାନ୍ୟ ବର୍ଷା ହେଲେ ଘରେ ପାଣି ଗଳୁଥିବାରୁ ଅନେକ ସମୟରେ ବାଧ୍ୟ ହୋଇ ପର ଘରେ କିମ୍ବା ସ୍କୁଲ ବାରଣ୍ଡାରେ ପରିବାର ଆଶ୍ରୟ ନେଇଥାନ୍ତି । ଭାଗିରଥିଙ୍କ ଅଭିଯୋଗ ଅନୁସାରେ ଆବାସ ଯୋଜନାରେ ଘର ଖଣ୍ଡିଏ ପାଇବା ପାଇଁ ପଞ୍ଚାୟତ ଠାରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଦୌଡି ଦୌଡି ନୟାନ୍ତ ହେଲେଣି ତଥାପି କିଛି ସୁଫଳ ମିଳିପାରୁ ନାହିଁ । ତାଙ୍କ ଭଳି ଗରିବ ଲୋକଙ୍କ କଥା କେହି ଶୁଣୁ ନାହାଁନ୍ତି । ଆହୁରି ମଧ କହିଛନ୍ତି ସ୍ଥାନୀୟ କୁଜି ନେତାଙ୍କୁ ସନ୍ତୁଷ୍ଟ କରିପାରୁନଥିବାରୁ ଆବାସ ଯୋଜନାରୁ ତାଙ୍କୁ ବଂଚିତ କରାଯାଉଛି । କେନ୍ଦୁଝର ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ସେ ଗୁହାରି କରିଛନ୍ତି ।

## ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ପରଲୋକ

ଘଷିପୁରା,(ପି.ଏନ): ଘଷିପୁରା ବ୍ଲକ ଗୋହିରା ପଂଚାୟତ ଅନ୍ତର୍ଗତ ଭୋଳାନୂଆଗାଁ ଗ୍ରାମର ଅବସରପ୍ରାପ୍ତ ଗ୍ରାମ ସେବକ ରଥ ଚନ୍ଦ୍ର ରାଉତ (୭୮)ଙ୍କ ପରଲୋକ ହୋଇଯାଇଛି । ସେ ଗତ କିଛିଦିନ ହେଲା ଅସୁସ୍ଥ ହୋଇ ଚିକିତ୍ସିତ ହେଉଥିବା ବେଳେ ଗତକାଲି ପୂର୍ବାହ୍ନରେ ନିଜ ବାସଭବନରେ ତାଙ୍କର ପରଲୋକ ଘଟିଛି ।

# ଡିଏସ୍‌ପି ଏମଏଫ ଉନ୍ମୋଚନ କଲା 'ଭିଜନ ୨୦/୨୦'

ଭୁବନେଶ୍ୱର (ପିଏନ): ବ୍ୟବସାୟର ଭବିଷ୍ୟତ ସମ୍ପର୍କରେ ଦୂରଦୃଷ୍ଟି ପୋଷଣ କରିବାକୁ ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ୍ 'ଭିଜନ ୨୦/୨୦' ଶୀର୍ଷକରେ ଏକ ଆକଳନ ବିଚାରାଧାରାକୁ ଉପସ୍ଥାପନ କରୁଛି । ଡାକ୍ତରୀ ଶାସ୍ତ୍ରରେ ୨୦/୨୦ ଦୃଷ୍ଟିଶକ୍ତିର ତୀକ୍ଷଣ ଅବସ୍ଥା ସମ୍ପର୍କରେ ସୂଚିତ କରୁଛି । ଡିଏସ୍‌ପି ଏମଏଫ ନିବେଶକ ଅଥବା ସମ୍ଭାବ୍ୟ ନିବେଶକ ବ୍ୟବସାୟ ସଂସ୍ଥାଗୁଡିକର ଭବିଷ୍ୟତ ସମ୍ପର୍କରେ ଆକଳନ କରିବା ସମୟରେ ତାହାକୁ ଉଚ୍ଚ ଦୃଶ୍ୟମାନ, ମଧ୍ୟମ ଦୃଶ୍ୟମାନ ଏବଂ ନିମ୍ନ ଦୃଶ୍ୟମାନ ବ୍ୟବସାୟ ସଂସ୍ଥା ଭାବରେ ପୃଥକ କରି ତିନିଟି ଲେନ୍‌ସର ଉପଯୋଗ କରିଛି । ଏହି ଆକଳନରେ କୁହାଯାଇଛି ଯେ ମଧ୍ୟମରୁ ଉଚ୍ଚ ଆୟକାରୀ ବର୍ଗ ଉବେର / ଓଲା ସେବା ବ୍ୟବହାର କରିବା ପରିବର୍ତ୍ତେ ବ୍ୟକ୍ତିଗତ କାର୍ ଅଥବା ଦୁଇଚକିଆ ଗାଡି ଖରିଦ କରିବାକୁ ପସନ୍ଦ କରିବେ । ସମ୍ପ୍ରତି କମ୍ ବ୍ୟୟସାପେକ୍ଷ ଏବଂ ବଜାରରେ ଚାହିଦା ଥିବା ବ୍ୟବହୃତ (ସେକେଣ୍ଡ ହ୍ୟାଣ୍ଡ) ଗାଡିଗୁଡିକର ଚାହିଦା ବୃଦ୍ଧିପାଇଛି । ଅନୁରୂପ ଭାବେ ଏକାଧିକ ସପିଂ ଆପ୍ଲିକେସନ ଜରିଆରେ ଜନସାଧାରଣ ଅନ୍‌ଲାଇନରେ କିଣାକିଣି କରୁଛନ୍ତି ଏବଂ ଅନ୍‌ଲାଇନ ସ୍ୱାସ୍ଥ୍ୟଯତ୍ନ ତଥା ଔଷଧ ଆଦିର ଚାହିଦା ବିପୁଳ ବୃଦ୍ଧି ଘଟିଛି । ଦରିଦ୍ର ଲୋକଙ୍କ ପାଇଁ ସରକାର ଉନ୍ନତ ଜୀବନ ନିର୍ବାହ ପରିବେଶ ଯୋଗାଇବା ଉପରେ ଗୁରୁତ୍ୱ ଦେବା ସମ୍ଭାବନା ଥିବାରୁ ସୁଲଭ ମୂଲ୍ୟ ବାସଗୃହ ନିର୍ମାଣ ମଧ୍ୟ ତ୍ୱରାନ୍ୱିତ ହୋଇପାରେ । ଅନ୍ୟପକ୍ଷରେ ୱାର୍କ ଫ୍ରମ ହୋମ୍ (ଘରେ ରହି ଅଫିସ କାମ କରିବା) ବ୍ୟବସ୍ଥା ଦ୍ୱାରା ଘରଭଡା ବ୍ୟବସାୟ ପ୍ରଭାବିତ ହୋଇପାରେ ଏବଂ ସେହି ସମୟରେ ଇଣ୍ଟର୍‌ନେଟ୍ କାରବାର ବ୍ୟାପକ ହେବ ଏବଂ ଏହାଦ୍ୱାରା ଦୂରସଂଚାର କମ୍ପାନୀଗୁଡିକ ଫାଇଦା ପାଇବେ । ଏଭଳି ପରିସ୍ଥିତିରେ ପ୍ୟାକେଟରେ ଆସୁଥିବା ପ୍ରସ୍ତୁତ ଖାଦ୍ୟର ଚାହିଦା ବୃଦ୍ଧିପାଇବ । ରପ୍ତାନିଭିତ୍ତିକ ଔଷଧୀୟ କମ୍ପାନୀଗୁଡିକ ମଧ୍ୟ 'ଆତ୍ମନିର୍ଭର ଭାରତ' ବିଷୟରୁ ସୁଯୋଗ ନେବାକୁ ଉତ୍ତମ ସ୍ଥିତିରେ ଅଛନ୍ତି । ହ୍ୟାଣ୍ଡ ସାନିଟାଇଜର, ହ୍ୟାଣ୍ଡ ୱାଶ୍ ଭଳି ସାମଗ୍ରୀର କାରବାର ୧୦ହଜାର ଗୁଣ ବୃଦ୍ଧିପାଇଛି । ଅନ୍ୟପକ୍ଷରେ ସାମାଜିକ ନିରାପତ୍ତା ବ୍ୟବସ୍ଥାର ଅଭାବ ଏବଂ ବ୍ୟୟବହୁଳ ସ୍ୱାସ୍ଥ୍ୟଯତ୍ନ ସହିତ ଭାରତରେ ସୁରକ୍ଷା ପ୍ରଦାନକାରୀ ପଲିସୀର ଖୁବ କମ୍ କାରବାର ଯୋଗୁଁ ଉଭୟ ସ୍ୱାସ୍ଥ୍ୟ ଓ ଟର୍ମଲାଇଫ ଇନସ୍ୟୁରାନ୍ସ ଚାହିଦା ବୃଦ୍ଧି ପାଇପାରେ । ଏହାକୁ ଡିଏସ୍‌ପି ଏମଏଫ ଭିଜନ ୧୫/୨୦ ବର୍ଗରେ ସ୍ଥାନିତ କରିଛି । ବେତନ କାଟ ଏବଂ ଚାକିରୀ ଛଟେଇ ଭଳି ଜଟିଳ ସମୟରେ ସାଧାରଣ ଜନତାଙ୍କ ଦ୍ୱାରା ଆଦୃତ ହେଉଥିବା ବ୍ରାଣ୍ଡ୍‌ଗୁଡିକ ପ୍ରିମିୟମ ବ୍ରାଣ୍ଡ୍‌ଗୁଡିକୁ ପଛରେ ପକାଇଦେବା ଆଶା

କରାଯାଉଛି, କାରଣ ଗ୍ରାହକମାନେ ମୂଲ୍ୟପ୍ରତି ସଚେତନ ହୋଇ କିଣାକିଣି କରିବା ଆରମ୍ଭ କରିଛନ୍ତି । ପ୍ରାଥମିକ ସମୟରେ ଅସାଧୁ ମହଜୁଦ କାରଣରୁ ଉପଭୋକ୍ତାଙ୍କ ଦ୍ୱାରା ମୁଖ୍ୟ ଖାଦ୍ୟସାମଗ୍ରୀ ବିପୁଳ ପରିମାଣରେ କିଣାକିଣି କରାଯିବା ପରିଲକ୍ଷିତ ହୋଇଛି ଏବଂ ଏ କ୍ଷେତ୍ରରେ ଦୀର୍ଘସୂତ୍ରୀ ଅଭିବୃଦ୍ଧି ଅପରିବର୍ତ୍ତିତ ରହିବା ମନେ କରାଯାଉଛି । ସ୍ୱାସ୍ଥ୍ୟରକ୍ଷା ଉତ୍ପାଦଗୁଡିକର ସୀମିତ ବ୍ୟବହାର ଏବଂ ଟୁଥପେଷ୍ଟ, ଫେସୱାଶ୍, ସାମ୍ପୁ ଭଳି ଅନ୍ୟ ସ୍ୱାସ୍ଥ୍ୟରକ୍ଷା ବର୍ଗର ଉତ୍ପାଦଗୁଡିକରେ ସେଭଳି ବୃଦ୍ଧି ଲକ୍ଷ୍ୟ କରାଯାଇନାହିଁ । ପ୍ୟାକେଟରେ ଆସୁଥିବା ଖାଦ୍ୟସାମଗ୍ରୀ ଚାହିଦା ଆଶାତୀତ ବୃଦ୍ଧିଘଟିଛି ଏବଂ ନିକଟରେ ଜଣେ ବିସ୍କୁଟ ଉତ୍ପାଦନକାରୀଙ୍କ କହିବା ଅନୁଯାୟୀ ସେମାନେ ଅଶୀବର୍ଷ ମଧ୍ୟରେ ଯେତିକି ବ୍ୟବସାୟ କରିନଥିଲେ ତାହା ଚଳିତ ମାସଗୁଡିକରେ କରିଛନ୍ତି । ତେବେ ଏହି ଧାରା ଜାରି ରହିବ ବୋଲି ଆମେ ମନେକରିପାରିବା ନାହିଁ । ଡିଏସ୍‌ପି ଏମଏଫର ଭିଜନ ୧୦/୨୦ ବର୍ଗରେ ଏହା ସ୍ଥାନ ପାଇଛି । ସାମ୍ପ୍ରତିକ ସ୍ଥିତିରେ ଲୋକେ ବାହାରେ ଖାଇବା ବନ୍ଦ କରିଦେଇଛନ୍ତି । ମହାମାରୀ ସମୟରେ ଅନ୍‌ଲାଇନ ସାମଗ୍ରୀ ଯୋଗାଣ ଗୁରୁତର ପ୍ରଭାବିତ ହୋଇଥିଲା ଏବଂ ଏହିସବୁ ରୋଷଶାଳା ବନ୍ଦ ହୋଇଯାଇଥିଲା । ଖୁଚୁରା ବ୍ୟବସାୟ ମଧ୍ୟ ପ୍ରଭାବିତ ହୋଇଥିଲା, ଯଦିଓ ସମ୍ପ୍ରତି ଏଥିରେ ପୁନରୁଦ୍ଧାର ଘଟିବାର କେତେକ ସୂଚନା ମିଳୁଛି । ତେଣୁ ଏହି ଶ୍ରେଣୀଗୁଡିକ ପୂର୍ବ ଅବସ୍ଥାକୁ ଫେରିବା ନିମନ୍ତେ କିଛି ସମୟ ଲାଗିବ ଏବଂ ଉପଭୋକ୍ତାଙ୍କର ବିଶ୍ୱାସ ଫେରାଇ ଆଣିବା ସହିତ ସେମାନଙ୍କ ଆସ୍ଥା ଜିତିବା ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ହେବ । ତତ୍‌ସହିତ ସମ୍ପ୍ରତି ଚଳଚ୍ଚିତ୍ରଗୁଡିକ ଅନ୍‌ଲାଇନ ପ୍ଲାଟଫର୍ମରେ ମୁକ୍ତିଲାଭ କରୁଥିବାରୁ ମଲଟିପ୍ଲେକ୍ସଗୁଡିକ ପ୍ରଭାବିତ ହେବ । ବିମାନରେ ଆବଦ୍ଧ ପରିବେଶ ସହିତ ଯାତ୍ରୀମାନେ ପାଖାପାଖି ବସୁଥିବାରୁ ନିୟମିତ ଯାତ୍ରୀବାହୀ ବିମାନ ଚଳାଚଳ ସ୍ୱାଭାବିକ ହେବାକୁ ଆଉ କିଛିଦିନ ଲାଗିପାରେ । କୋଭିଡ ଓ ଅଣ କୋଭିଡ ଚିକିତ୍ସା ନିମନ୍ତେ ରାଜ୍ୟ ସରକାରମାନେ ମୂଲ୍ୟ ସ୍ଥିର କରୁଥିବାରୁ ହସପିଟାଲଗୁଡିକରେ ଘରୋଇ ନିବେଶ ପ୍ରଭାବିତ ହୋଇପାରେ ବୋଲି କୁହାଯାଇଛି । ବ୍ୟାଙ୍କଗୁଡିକ ମଧ୍ୟ ମୋରାଟୋରିୟମକୁ ନେଇ ଆଗକୁ ବଢିବା ସମ୍ପର୍କରେ ଶିକ୍ଷାଲାଭ କରୁଛନ୍ତି ଏବଂ ଏହାଦ୍ୱାରା କେତେ ପ୍ରତିଶତ ଅର୍ଥ ପୁନର୍ଗଠନ କରାଯିବ, ତାହା ଦେଖିବାକୁ ବାକି ରହିଛି । ଏହା ଭିଜନ ୫/୨୦ରେ ସ୍ଥାନିତ ହୋଇଛି । ଡିଏସ୍‌ପିର ପୋର୍ଟଫୋଲିଓର ମୁଖ୍ୟଭାଗ ଉଚ୍ଚ ଏବଂ ନିମ୍ନ ଦୃଶ୍ୟମାନ କ୍ଷେତ୍ରରେ ଥିବା କମ୍ପାନୀଗୁଡିକୁ ନେଇ ପ୍ରସ୍ତୁତ । ଡିଏସ୍‌ପି ଏମଏଫ୍‌ର ବିଶ୍ୱାସ ଯେ କମ୍ ପରିମାଣର ଋଣ ସହିତ ଅଧିକ ଅର୍ଥ ପ୍ରବାହ ବ୍ୟବସ୍ଥା ସୃଷ୍ଟି ଦୀର୍ଘସୂତ୍ରୀ ଆକାରରେ ଉତ୍ତମ ଭାବେ କାର୍ଯ୍ୟ କରିଥାଏ ଏବଂ ଆମେ ସମ୍ପ୍ରତି ଯାହା ଦେଖୁଛୁ ସଙ୍କଟ ସମୟରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହୁଏ । ମାତ୍ରାଧିକ ଋଣକୁ ନେଇ ଭାରାକ୍ରାନ୍ତ ଅଥବା ସ୍ୱଳ୍ପ ଅର୍ଥ ପ୍ରବାହ ବ୍ୟବସ୍ଥା ଥିବା କମ୍ପାନୀଗୁଡିକ ହୁଏତ ସଫଳତାର ସହିତ ପ୍ରତିଦ୍ୱନ୍ଦ୍ୱିତା କରିବା ନେଇ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି । ଗୋଟିଏ କମ୍ପାନୀ ମୂଳଧନକୁ କେତେ ଦକ୍ଷ ଭାବରେ ନିବେଶ କରିପାରୁଛି ଏବଂ ପୁଞ୍ଜି ଦକ୍ଷତାଭିତ୍ତିକ ବ୍ୟବସାୟକୁ ପସନ୍ଦ କରୁଛି, ତାହା ଉପରେ ସମ୍ପତ୍ତି ସୃଷ୍ଟି ନିର୍ଭର କରେ ବୋଲି ଡିଏସ୍‌ପିର ବିଶ୍ୱାସ । ଏହା ଏକଥା ମଧ୍ୟ କହିଛି ଯେ ସାମ୍ପ୍ରତିକ ପରିବେଶ ଅନିଶ୍ଚିତ ଏବଂ ଅସ୍ଥିର ଅବସ୍ଥାରେ ରହିଛି । ବର୍ତ୍ତମାନ ସମୟରେ ଘଟୁଥିବା ପରିବର୍ତ୍ତନ ଉପଭୋକ୍ତାଙ୍କ ଆଚରଣରେ ପରିବର୍ତ୍ତନ ଆଣିବ । ତେଣୁ ଏହାକୁ ନେଇ ଡିଏସ୍‌ପି ଏମଏଫ ଉଲ୍ଲସିତ ଥିଲେ ମଧ୍ୟ ଭବିଷ୍ୟତ ପ୍ରତି ସଜାଗ ଦୃଷ୍ଟି ରଖିଛି ।

# କେନ୍ଦୁଝର ନାଗରିକ ମଞ୍ଚ ସଭାପତିଙ୍କ ପରଲୋକରେ ବିଭିନ୍ନ ମହଲରେ ଶୋକ

କେନ୍ଦୁଝର,(ପି.ଏନ): କେନ୍ଦୁଝର ନାଗରିକ ମଞ୍ଚର ସଭାପତି ତଥା ଭାରତୀୟ ବାୟୁ ସେନାର ଅବସରପ୍ରାପ୍ତ ଉଇଙ୍ଗ କମାଣ୍ଡର ଇଂ କିରଣ ଶଙ୍କର ସାହୁଙ୍କର ଆଜି ଶେଷକୃତ୍ୟ ସ୍ଥାନୀୟ ମଣ୍ଡୁଆ ନିକଟ ଅରଡେଇ ନଦୀ କୂଳରେ ସମ୍ପନ୍ନ ହୋଇଛି । ତାଙ୍କ ମରଶରୀରକୁ ଭୁବନେଶ୍ୱରରୁ କେନ୍ଦୁଝର ଅଣାଯାଇ ପ୍ରଥମେ ବାଁପାରସ୍ଥିତି ବାସଭବନ ନିଆଯାଇଥିଲା । ସେଠାରେ ତାଙ୍କର ଶେଷ ଦର୍ଶନ ପାଇଁ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତି ରହିଥିଲେ । ଏହାପରେ ତାଙ୍କୁ ଏକ ଶୋଭାଯାତ୍ରାରେ ଆଣି ସହର ପରିକ୍ରମା କରି ରୋଟାରୀ କ୍ଲବକୁ ନେଇଥିଲେ । ସେଠାରେ ରୋଟାରୀ କ୍ଲବର ସଦସ୍ୟମାନେ ଶ୍ରଦ୍ଧାଳି ଜ୍ଞାପନ କରିଥିଲେ । ସେଠାରୁ ମଣ୍ଡୁଆସ୍ଥିତ ଅରଡେଇ ନଦୀ କୂଳରେ ଥିବା ରୋଟାରୀ କ୍ଲବ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ସ୍ୱର୍ଗତ ସାହୁ ୮୩ ବର୍ଷ ବୟସରେ ଭୁବନେଶ୍ୱରର ଏକ ବେସରକାରୀ ଡାକ୍ତରଖାନାରେ ସନ୍ଧ୍ୟା ୭ଟାରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ସେ ଦୀର୍ଘ ଦିନ ଧରି କେନ୍ଦୁଝର ନାଗରିକ ମଞ୍ଚର ସଭାପତି ଥିବା ସହ ବିଭିନ୍ନ ସମାଜସେବା କାର୍ଯ୍ୟରେ ନିଜକୁ ବ୍ରତୀ କରାଇଥିଲେ । ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ ପକ୍ଷରୁ ତାଙ୍କୁ ସମ୍ମାନଜନକ ଭୂମିପୁତ୍ର ସମ୍ମାନ ପାଇଥିଲେ । ୧୯୬୨ ମସିହା ଚୀନ-ଭାରତ ଯୁଦ୍ଧରେ ଭାରତର ଯବାନମାନଙ୍କ ଲଢେଇରେ ଅନୁପ୍ରାଣିତ ହୋଇ ଦେଶ ପାଇଁ ଲଢେଇ କରିବାର ଇଚ୍ଛାରେ ଆଇଆଇଟିରୁ ଶିକ୍ଷା ଲାଭ ସତ୍ତ୍ୱେ ସେ ବାୟୁସେନାରେ ଯୋଗ ଦେଇଥିଲେ । ୧୯୬୩ ମସିହା ଡିସେମ୍ବର ୧୩ ତାରିଖରେ ସେ ବାୟୁସେନାରେ ଯୋଗଦେବା ସହ ଉଇଙ୍ଗ କମାଣ୍ଡର ଭାବେ ପରେ ପଦୋନ୍ନତି ପାଇଥିଲେ । ସେ ଭାରତୀୟ ସେନାରୁ ୧୯୮୯ ମସିହା ମେ ମାସ ୯ ତାରିଖରେ ଅବସର ନେବା ପରେ କେନ୍ଦୁଝରରେ ରହି ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିଥିଲେ । ତାଙ୍କ ବିୟୋଗରେ ବିଭିନ୍ନ ସ୍ଥାନରେ ଶୋକର ଛାୟା ଖେଳିଯାଇଛି । ତାଙ୍କ ବିୟୋଗରେ ରାଷ୍ଟ୍ରୀୟ ଜନଜାତି ଆୟୋଗ ସଦସ୍ୟ ଅନନ୍ତ ନାୟକ,ସଦର ବିଧାୟକ ମୋହନ ଚରଣ ମାଝୀ,ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ପାଟଣା ବିଧାୟକ ଜଗନ୍ନାଥ ନାୟକ,ଜିଲ୍ଲା ପରିଷଦ ଅଧ୍ୟକ୍ଷା କମଳିନୀ ପାତ୍ର,ରୋଟାରିୟାନ ଇଂ ଦେବବ୍ରତ ସ୍ୱାଇଁ,ପ୍ରଶାନ୍ତ ସ୍ୱାଇଁ,ଜିଲ୍ଲା ଓକିଲ ସଂଘର ସଭାପତି ଆଶିଷ ଚକ୍ରବର୍ତ୍ତୀ,ସରୋଜ ବିଶ୍ୱାଳ,କେନ୍ଦୁଝର ଜିଲ୍ଲା ପ୍ରେସ କ୍ଲବର ସଭାପତି ସତ୍ୟନାରାୟଣ ମିଶ୍ର,ସାମ୍ବାଦିକ ପ୍ରଦୀପ ମହାନ୍ତି,ଅଜୟ ସାହୁ,ଭରତ ଚନ୍ଦ୍ର ଦାସ,ଅମୀୟ ବେହେରା,ରାଜେନ୍ଦ୍ର ପଲେଇ,ଇଂ ସୁରେଶ ଚନ୍ଦ୍ର ଖାଟୋଇ,ଇଂ ବସନ୍ତ କୁମାର ଦାନୀ,ସୟ ସାହୁ,ଅଶୋକ ଠକ୍କର,ସୟ ମହାପାତ୍ର,ସୌମ୍ୟଶଙ୍କର ଚକ୍ର,କିରଣବାଳା ନାୟକ,ହରିହର ମହାନ୍ତ ପ୍ରମୁଖ ଶୋକବ୍ୟକ୍ତ କରି ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି ।

# ଶାସକ ଦଳକୁ ମହଙ୍ଗା ପଡିବ କି ୩ ନଂ ଜୋନ୍

ଆନନ୍ଦପୁର,(ପି.ଏନ): ରଣନୀତିରେ ବିଜେପି, ବିଜେଡି । ସୁପ୍ତ ଅବସ୍ଥାରେ କଂଗ୍ରେସ । ଚଳିତ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ଯେତେ ପାଖେଇ ଆସୁଛି ଦିନକୁ ଦିନ ଭୋଟ ପାଣିପାଗ ବଦଳିବାରେ ଲାଗିଛି । କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଅଂଚଳରେ ବିଶେଷ କରି ଶଙ୍ଖ ଓ ପଦ୍ମ ମଧ୍ୟରେ ଲଢେଇରୁ କିଏ ଫାଇଦା ହାସଲ କରିବ ତାହା ଦେଖିବାକୁ ବାକି ରହିଛି । କଂଗ୍ରେସର ସେପରି କିଛି ଆଖିଦୃଶିଆ ଖଣ୍ଡନୀତି ନଜରକୁ ଆସୁନଥିବା ବେଳେ ପ୍ରଚାରରେ ମଧ୍ୟ ମାନ୍ଦାବସ୍ଥା ଦେଖିବାକୁ ମିଳିଛି । ଆନନ୍ଦପୁରରେ ଖୋଦ୍ ପିସିସି ସଭାପତି ଓ ପୂର୍ବତନ ପିସିସି ସଭାପତିଙ୍କ ନିଜସ୍ୱ ଅଂଚଳ ହୋଇଥିଲେ ମଧ୍ୟ କଂଗ୍ରେସର ଏଭଳି ସ୍ଥିତି ସମର୍ଥକଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି । ଅନ୍ୟପଟେ ନିର୍ବାଚନ ଲଢେଇରେ ଉଭୟ କେନ୍ଦ୍ର ନେତୃତ୍ୱାଧୀନ ଦଳ ଓ ରାଜ୍ୟ ନେତୃତ୍ୱାଧୀନ ଦଳର ପ୍ରାର୍ଥୀ ମାନଙ୍କ ମଧ୍ୟରେ ଅଙ୍କକସା ଚାଲିଛି । ଏହି କ୍ରମରେ ଚଳିତ ନିର୍ବାଚନରେ ଆନନ୍ଦପୁର ବ୍ଲକର ୩ନଂଜୋନ୍‌ରେ କଡ୍ଡା ଟକ୍କର ହେବାଭଳି ପରିସ୍ଥିତି ସୃଷ୍ଟି ହୋଇଛି । ଆନନ୍ଦପୁର ବ୍ଲକର ୫ ପଂଚାୟତ ଜଳସୁଆଁ, ପଞ୍ଚୁପଲ୍ଲୀ, ବାଇଲୋ, ବେଲବାହାଳି, ହରିଡାପାଳକୁ ନେଇ ୩ନଂ ଜୋନ୍ ଗଠିତ । ଚଳିତ ପଂଚାୟତ ନିର୍ବାଚନରେ ଏହି ଜୋନ୍‌ଟି ଅସଂରକ୍ଷିତ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ରହିଛି । ୩ନଂ ଜୋନ୍‌ରେ ଆଗଧାଡିର ରାଜନୈତିକ ଦଳ ବିଜେପି, ବିଜେଡି ଓ କଂଗ୍ରେସ ତା'ର ପ୍ରାର୍ଥୀ ଦେଇଛି । ଏଥିରେ ଜିଲ୍ଲାପରିଷଦ ଭାବେ ଲଢେଇ କରୁଥିବା ପ୍ରାର୍ଥୀମାନେ ବାଇଲୋ ପଂଚାୟତର ଅଟନ୍ତି । ବିଜେପିରୁ ନାରୀନେତ୍ରୀ ଅସୀମା ମିଶ୍ର, ବିଜେଡିରୁ ଉର୍ମିଳା ସାହୁ ଓ କଂଗ୍ରେସରୁ ସୁକାନ୍ତି ସାହୁ ନିର୍ବାଚନ ମୈଦାନକୁ ଓହ୍ଲାଇଛନ୍ତି । ୨୦୧୭ ନିର୍ବାଚନରେ ସଂପୃକ୍ତ ଜୋନ୍ ଓଲଟପାଲଟ ପରିସ୍ଥିତି ସୃଷ୍ଟି କରିଥିଲା । ବେଲବାହାଳିର କୁଶେଇ ସେତୁ ଘଟଣାକୁ ନେଇ ଲୋକଙ୍କ ସହିତ ସିଧାସଳଖ ସରକାରୀ ଦଳ ସହିତ ଲଢେଇ ହେବାଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା । ଯାହାର ପରିଣାମ ସ୍ୱରୂପ ସନାତନ ମହାକୁଡଙ୍କ ସମର୍ଥନରେ ସ୍ୱାଧୀନ ଭାବେ ପ୍ରଭାକର ସାହୁ ଜିଲ୍ଲାପରିଷଦ ପ୍ରାର୍ଥୀ ଭାବେ ନିର୍ବାଚିତ ହୋଇଥିଲେ । ଚଳିତ ନିର୍ବାଚନରେ ବିଜେଡିକୁ ସନାତନ ମହାକୁଡଙ୍କ ସମର୍ଥନ ରହିଥିବା ଚର୍ଚ୍ଚାକୁ ଆସିଥିବା ବେଳେ ଏହି ଗୋଳିଆ ପାଣିରୁ ଫାଇଦା ନେବାକୁ ବିଜେପି ଟକ୍କରକୁ ଆସିଛି । ଏହି ସ୍ୱାଧୀନ ସମର୍ଥନରେ ରହିଥିବା ଭୋଟରମାନଙ୍କ ଭୂମିକା ନିର୍ଣ୍ଣାୟକ ହୋଇପାରେ ବୋଲି ଚର୍ଚ୍ଚାରେ ରହିଛି । କଂଗ୍ରେସର ନିରବ ଭୂମିକା ରହିଥିବା ବେଳେ ବିଜେପିର କେନ୍ଦ୍ରୀୟ ଯୋଜନା ଓ ବିଜେଡିର ରାଜ୍ୟ ଯୋଜନା କିଏ କେତେ ମାତ୍ରାରେ ଭୋଟରଙ୍କୁ ଆକୃଷ୍ଟ କରିପାରିବ ତାହା ମୁଖ୍ୟ ପ୍ରସଙ୍ଗ ପାଲଟିଛି ।

# ଗୁଣାତ୍ମକ ଶିକ୍ଷା ପ୍ରଣାଳୀର ପୁନରୁଦ୍ଧାର ପ୍ରୟୋଜନ : ସୂର୍ଯ୍ୟ ପାତ୍ର

ଭୁବନେଶ୍ୱର(ପିଏନ)- ଭାରତ ବର୍ଷର ପ୍ରାଚୀନ ଗୁରୁକୁଳ ଶିକ୍ଷା ପରମ୍ପରା ଖୁବ ମହାନ ଓ ମହିମାମୟ ଥିଲା ବୋଲି ଓଡିଶା ବିଧାନ ସଭା ର ବାଚସ୍ପତି ଡ଼. ସୂର୍ଯ୍ୟନାରାୟଣ ପାତ୍ର ମତ ପ୍ରକାଶ କରିଛନ୍ତି । ଏହି ଗୁଣାତ୍ମକ ଏବଂ ଗୌରବାନ୍ୱିତ ଶିକ୍ଷା ପଦ୍ଧତି ର ପୁନରୁଦ୍ଧାର ସାମ୍ପ୍ରତିକ ଯୁଗରେ ଖୁବ ପ୍ରାସଙ୍ଗିକ ଓ ବାସ୍ତବିକ ବୋଧ ହେଉଥିବା ଡ଼.ପାତ୍ର ସୂଚାଇଛନ୍ତି । ଭୁବନେଶ୍ୱରର ନୂଆପଲ୍ଲୀ ଠାରେ ଏସାର ସିଷ୍ଟମ୍ସ ଏବଂ ଗୁରୁକୁଳ ଅନଲାଇନ ଶିକ୍ଷା ବ୍ୟବସ୍ଥାର ଭାରତ କାର୍ଯ୍ୟାଳୟ ଓ ଆନ୍ତର୍ଜାତିକ ମୁଖ୍ୟାଳୟ ର ଭରଚୁଆଲ ଶୁଭ ଉଦଘାଟନ କରି ଡ଼.ପାତ୍ର ବର୍ତ୍ତମାନ ପ୍ରଚଳିତ ଶିକ୍ଷା ପ୍ରଣାଳୀର ନୈତିକ ,ବୈଷୟିକ ,ପ୍ରଯୁକ୍ତିଗତ ଓ ବ୍ୟବହାରିକ ମାନ ବୃଦ୍ଧି କରିବାରେ ଏସାର -ଗୁରୁକୁଳ ନିଶ୍ଚିତ ଭାବେ ସକ୍ଷମ ହେବ ବୋଲି ଆଶା ପ୍ରକାଶ କରିଥିଲେ ।

ଉଦଘାଟନୀ ଉତ୍ସବରେ ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ରାଜ୍ୟ ସରକାରଙ୍କର ଇଲେକ୍‌ଟ୍ରୋନିକ୍ସ , ପ୍ରଯୁକ୍ତି ବିଦ୍ୟା , କ୍ରୀଡା ,ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା, ଫିତା କାଟି ଗୃହ ପ୍ରବେଶ କାର୍ଯ୍ୟ ସମ୍ପନ୍ନ କରିଥିଲେ । ଏହି ଅବସରରେ ଆୟୋଜିତ ଏକ ଆନ୍ତର୍ଜାତୀକ ୱେବିନାରକୁ ସମ୍ବୋଧନ କରି ଶ୍ରୀ ବେହେରା ସାରା ବିଶ୍ୱରେ ଓଡ଼ିଆ ଭାଷା ର ପ୍ରଚାର , ପ୍ରସାର ଏବଂ ଏହାକୁ ଲୋକପ୍ରିୟ କରିବା ପାଇଁ ଏସାର - ଗୁରୁକୁଳ ଯେପରି ମାଗଣା ଅନ ଲାଇନ ଶିକ୍ଷା ପ୍ରଦାନର ପ୍ରକ୍ରିୟା ପ୍ରାରମ୍ଭ କରିବାକୁ ଯାଉଛି , ତାର ଭ ?ଯସୀ ପ୍ରସଂଶା କରିଥିଲେ । ଆଜି ଇ -ଶିକ୍ଷା ଏବଂ ୫ ଜି ଟେକ୍ନୋଲୋଜିକୁ ଆପଣେଇବା ସମୟୋଚିତ ହେବ ବୋଲି ମନ୍ତ୍ରୀ କହିଥିଲେ ।ସମାରୋହରେ ବିଶିଷ୍ଟ ଅତିଥି ଭାବରେ ସାମିଲ ହୋଇ ପୂର୍ବତନ ମନ୍ତ୍ରୀ ଅମର ଶତପଥୀ , ଆମର ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ ମାତ୍ରାରେ ପ୍ରଯୁକ୍ତି ବିଦ୍ୟାର କ୍ରୀତଦାସ ନ ସାଜି ସ୍ୱୟଂସମୃଦ୍ଧ ଓ ସୃଜନଶୀଳଯୁକ୍ତ ହେବା ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ । ଅସ୍କାର ବିଧାୟିକା ମଞ୍ଜୁଳା ସ୍ୱାଇଁ ,ଏସାର - ଗୁରୁକୁଳ ଦ୍ୱାରା ସାରା ପୃଥିବୀରେ ଓଡ଼ିଆ ଶିକ୍ଷାକୁ ପରିବ୍ୟାପ୍ତ କରିବାର ପ୍ରୟାସକୁ ସ୍ୱାଗତ ଜଣାଇଥିଲେ ।

ଆନ୍ତର୍ଜାତିକ ଶୋଭନୀୟ ଆନ୍ଦୋଳନର ମୁଖ୍ୟ ଗୁରୁମା ଡ଼. ଅରୁନ୍ଧତି ଦେବୀ , ବିଦେଶରେ ଲୁପ୍ତ ପ୍ରାୟ ହେବାକୁ ଯାଉଥିବା ଓଡ଼ିଆ ଭାଷା କୁ ପୁନରୁଦ୍ଧାର କରିବା ଏବଂ ବର୍ତ୍ତମାନ ତଥା ଭବିଷ୍ୟତ ପିଢୀକୁ ଏହାର ଉପାଦେୟତା ପ୍ରତି ସଚେତନ କରାଇବା ଓ ଏଥିପ୍ରତି ଆକୃଷ୍ଟ କରିବା ଦିଗରେ ଏସାର - ଗୁରୁକୁଳ ନିଶ୍ଚିତ ଭାବରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ଭରସା ପ୍ରକଟ କରିଥିଲେ । ମାନବିକତା ଧର୍ମୀ ଶିକ୍ଷା ପାଇଁ ଉଦ୍ଦିଷ୍ଟ ଗୁରୁକୁଳ, ବିଦ୍ୟାର୍ଥୀର ଜୀବନ ଓ ମାନସିକତା ନିର୍ମାଣ କରିବ ବୋଲି ଡ଼.ଦେବୀ ଉଲ୍ଲେଖ କରିଥିଲେ । ପ୍ରବାସରେ ଓଡ଼ିଆ ପାଠ୍ୟକ୍ରମ ଶିକ୍ଷାଲାଭ କରୁଥିବା ଛାତ୍ର ଛାତ୍ରୀମାନଙ୍କୁ ଅନଲାଇନ ପରୀକ୍ଷା ଦେବାର ସୁଯୋଗ ପ୍ରଦାନ କରିବାକୁ ଚେନ୍ନାଇ ସ୍ଥିତ ପ୍ରବାସୀ ଓଡ଼ିଆ ସାଂସ୍କୃତିକ ସମାଜର ସଭାପତି ଶାନ୍ତନୁ କୁମାର ଜେନା, ରାଜ୍ୟ ସରକାରଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ଅନଲାଇନ ଯୋଗେ ନୂଆକରି ଯୁଗୋପଯୋଗୀ ଗୁରୁଶିଷ୍ୟ ପରମ୍ପରାର ପୁନରୁଦ୍ଧାର, ସମୟର ଆହ୍ୱାନ ବୋଲି ନୂଆଦିଲ୍ଲୀ ସ୍ଥିତ ଡ଼. ଆମ୍ବେଦକର ଫାଉଣ୍ଡେସନ ର ନିର୍ଦ୍ଦେଶକ ଡ଼. ଦେବେନ୍ଦ୍ର ମାଝୀ ଦର୍ଶାଇଥିଲେ ।

ସ୍ୱାଗତ ଭାଷଣ ପ୍ରଦାନ କରି ଉତ୍ସବର ସହ ଆୟୋଜକ ବରିଷ୍ଠ ସାମ୍ବାଦିକ ତଥା ବନ୍ଦେ ଉତ୍କଳ ଫାଉଣ୍ଡେସନ ର ପ୍ରତିଷ୍ଠାତା ଅଧକ୍ଷ କିଶୋର ଦ୍ୱିବେଦୀ , ଏସାର - ଗୁରୁକୁଳ ପାରମ୍ପରିକ ଶିକ୍ଷା ପ୍ରଦାନ ଓ ଗ୍ରହଣ କ୍ଷେତ୍ରରେ ଏକ ବୈପ୍ଲବିକ ପରିବର୍ତ୍ତନ ଆଣିବା ପାଇଁ ଯାଉଥିବା ସୂଚାଇଥିଲେ । ବିଦ୍ୟାର୍ଥୀ ଶିକ୍ଷାଦାନ ନିକଟକୁ ନ ଆସି ଶିକ୍ଷାକୁ ବିଦ୍ୟର୍ଥୀର ଦୁଆର ମୁହଁରେ ସପ୍ତାହକୁ ସାତଦିନ ଓ ୨୪ ଘଣ୍ଟା ଧରି, ତାଙ୍କର ସୁବିଧା ଅନୁସାରେ ପହୁଞ୍ଚାଇବା, ଏହି ନୂଆ ଶିକ୍ଷାକ୍ରମର ଅସଲ ଉଦେଶ୍ୟ ବୋଲି ଶ୍ରୀ ଦ୍ୱିବେଦୀ ଦର୍ଶାଇଥିଲେ ।

ଉଭୟ ପ୍ରକୃତ ଓ ୱ ?ବ ଯୋଗେ ଆୟୋଜିତ ଏହି ଉଦଘାଟନୀ ସମାରୋହର ମୁଖ୍ୟ ଆୟୋଜକ ଏବଂ ଏସାର- ଗୁରୁକୁଳ ର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଇଂ ମୀନକେତନ ବିଶ୍ୱାଳ ଧନ୍ୟବାଦ ପ୍ରଦାନ କରି ଏସାର- ଗୁରୁକୁଳ ସଂସ୍ଥା ଗଠନ ପଛରେ ଥିବା ଦାର୍ଶନିକ ଓ ଆଧାତ୍ମିକଗତ ମହତ ଭାବନା ଉପରେ ଆଲୋକପାତ କରିଥିଲେ । ଦେଶର ଶିକ୍ଷା ବ୍ୟବସ୍ଥାର ଆମୂଳଚୂଳ ନବୀକରଣ ଓ ଏହାର ମାନବର୍ଦ୍ଧନ ପାଇଁ ଏସାର - ଗୁରୁକୁଳ ବଦ୍ଧପରିକର ବୋଲି ଇଃ ଶ୍ରୀ ବିଶ୍ୱାଳ ଉଲ୍ଲେଖ କରିଥିଲେ ।

ସମଗ୍ର ଡିଜିଟାଲ କାର୍ଯ୍ୟକ୍ରମକୁ ଏସାର- ଗୁରୁକୁଳ ପରିକଳ୍ପନାର ସର୍ଜନାକାରୀ ଏବଂ ସି .ଏମ .ଡି ଇଃ ଶ୍ରୀ ବିଶ୍ୱାଳଙ୍କର ସୁପୁତ୍ର ଶିବ ରଞ୍ଜନ ବିଶ୍ୱାଳ ମାଞ୍ଚେଷ୍ଟର ରୁ ସଂଯୋଜନା କରିଥିଲେ । ଆୟୋଜନର ସୁପରିଚାଳନା କରିବାରେ ଶିବ କୁମାର ବିଶ୍ୱାଳ , ପ୍ରକାଶ ନାୟକ, ଦିଲ୍ଲୀପ କୁମାର ସାହୁ ଏବଂ ବିକାଶ ଚନ୍ଦ୍ର ନାୟକ ପ୍ରମୁଖ ମୁଖ୍ୟଭୂମିକା ଗ୍ରହଣ କରିଥିଲେ ଛ ଶେଷରେ ଜଗବନ୍ଧୁ ମୃଦୁଳି ଓ ତାଙ୍କର ସାଥି କଳାକାର ମାନେ ମନୋରଂଜକ ଭଜନ ପରିବେଷଣ କରିଥିଲେ ।

## ସରପଞ୍ଚ ପ୍ରାର୍ଥୀଙ୍କ ମୃତ୍ୟୁ

ବାଲେଶ୍ୱର, ଫେବୃଆରୀ ୨୪ ତାରିଖ ଶେଷ ପର୍ଯ୍ୟାୟ ନିର୍ବାଚନ ରେମୁଣା ରେ ଅନୁଷ୍ଠିତ ହେବ। ସେଥିପାଇଁ ଉଭୟ ପ୍ରଶାସନିକ ଓ ରାଜନିତୀକ ସ୍ତରରେ ପ୍ରସ୍ତୁତି ଚାଲିଛି। ଏହି ସମୟରେ ନୂଆ ଗାଁ ପଞ୍ଚାୟତର ଜଣେ ସରପଞ୍ଚ ପ୍ରର୍ଥୀଙ୍କ ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ ସରପଞ୍ଚ ପ୍ରାର୍ଥୀ ପାରମାନନ୍ଦ ସେଠୀଙ୍କର ଗତ ୫ ତାରିଖରେ ମୃତ୍ୟୁ ହୋଇଯାଇଛି। ସୂଚନା ଯୋଗ୍ୟ ଯେ ଏହି ସରପଞ୍ଚର ପଦବି ଲାଗି ମୋଟ ୮ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା ରେ ଥିଲେ। ଫଳରେ ସେଠାରେ ସରପଞ୍ଚ ପଦ ।ଇଁ ନିର୍ବାଚନ ହେବା ଆଶଙ୍କା ସୃଷ୍ଟି କରିଛି।

## ଆନନ୍ଦପୁର ପୋଲିସ୍ ପକ୍ଷରୁ ୪ ପଞ୍ଚାୟତରେ ପୋଲିସର ଫ୍ଲାଗମାର୍ଚ୍ଚ

ଆନନ୍ଦପୁର,(ପି.ଏନ):ଆନନ୍ଦପୁର ପୋଲିସ ପକ୍ଷରୁ ଏସ୍.ଡି.ପି.ଇ.ଓ. ଅନିଲ କୁମାର ବେଉରିଆ, ଆନନ୍ଦପୁର ଆଇଆଇସି ମନୋରନ ପ୍ରଧାନ, ଆନନ୍ଦପୁର ବ୍ଲକର ଦୁଇ ପଂଚାୟତ ଓ ହାଟଡିହି ପଂଚାୟତରେ ଫ୍ଲାର୍ଗମାର୍ଚ୍ଚ କରାଯାଇଛି । ଆଇନ୍ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ଲକ୍ଷ୍ୟରେ ପୋଲିସ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି । ଆନନ୍ଦପୁର ବ୍ଲକ ଅଧୀନ ସମ୍ପୃକ୍ତ ଦୁଇଗୋଟି ପଂଚାୟତ ସମ୍ବେଦନଶୀଳ ଅଂଚଳ ଭାବେ ବେଶ୍ ଜଣାଶୁଣା । ନିର୍ବାଚନୀ ମହଲରେ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ଏବଂ ଶାନ୍ତି ଶୃଙ୍ଖଳା ସହିତ ଭୋଟର ମାନଙ୍କୁ ମତଦାନର ସୁଯୋଗ ପ୍ରଦାନ କରିବା ଲକ୍ଷ୍ୟରେ ଆନନ୍ଦପୁର ବ୍ଲକର ଶାଳବଣୀ ଓ ମୋଚିନ୍ଦା ଏବଂ ହାଟଡିହି ବ୍ଲକର ବଞ୍ଚୋ ଓ ଅକରୁଆରେ ଆନନ୍ଦପୁର ପୋଲିସ୍ ପକ୍ଷରୁ ଫ୍ଲାର୍ଗମାର୍ଚ୍ଚ କରାଯାଇଥିବା ବେଳେ ଆନନ୍ଦପୁର ଥାନା ପକ୍ଷରୁ ଏସ୍‌ଆଇ ସିଲୁ ମଲ୍ଲିକ୍, ଏଏସ୍‌ଆଇ ବ୍ୟାସଦେବ ମିର୍ଜା, ଦ୍ୱାରିକାନାଥ ସେଠୀ, ଅଜିତ କୁମାର ବାନରା, ଅନୁଜ କୁମାର ଲୁଗୁନ୍ ପ୍ରମୁଖ ଫ୍ଲାର୍ଗମାର୍ଚ୍ଚରେ ଉପସ୍ଥିତ ଥିଲେ ।




# କୁନ୍ତଳା କୁମାରୀ ଖୋର୍ଦ୍ଧା ମାଟିର ଗର୍ବ ଓ ଗୌରବ: ୧୨୧ତମ ଜୟନ୍ତୀରେ ଶ୍ରଦ୍ଧାଂଜଳି



ଖୋର୍ଦ୍ଧା , (ପି.ଏନ): ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତଙ୍କ ୧୨୧ତମ ଜୟନ୍ତୀ ବକ୍ସି ଜଗବନ୍ଧୁ ନଗରସ୍ଥିତ ଗାୟତ୍ରୀ ପ୍ରଜ୍ଞାପୀଠ ପରିସରରେ ଶ୍ରୀ ଜଗନ୍ନାଥ ସାହିତ୍ୟ ପରିଷଦ ସଭାପତି ଶିବସୁନ୍ଦର ପଟ୍ଟନାୟକଙ୍କ ଅଧ୍ୟକ୍ଷତା ତଥା ସାହିତ୍ୟିକ ସତ୍ୟବାଦୀ ବଳିଆରସିଂହଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଥିଲା । ପ୍ରଫେସର ଡ଼. ଶରଚ୍ଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଓ ଗୋଧୂଳି ସଂପାଦିକା ବିମଳା ସିଂହ ମୁଖ୍ୟବକ୍ତା ଭାବେ ଯୋଗଦେଇ କୁନ୍ତଳା କୁମାରୀ ଦୀର୍ଘ ୩୮ବର୍ଷର ଜୀବନ ପରିଧି ମଧ୍ୟରେ କବିତା, ଗଳ୍ପ, ଉପନ୍ୟାସ ଆଦି ରଚନା କରି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛନ୍ତି ବୋଲି କହିଥିଲେ । ଏଥି ସହିତ ତାଙ୍କର ପିତା ଡାନିଏଲ ସାବତଙ୍କ ଜନ୍ମସ୍ଥାନ ଖୋର୍ଦ୍ଧା ସହରର ଖ୍ରୀଷ୍ଟିୟାନ ସାହି ହୋଇଥିବାରୁ ସେ ଖୋର୍ଦ୍ଧା ମାଟିର ଗୌରବ ବୋଲି କହିଥିଲେ । ଗାଳ୍ପିକା ରେଣୁକା ରଥ ପ୍ରବନ୍ଧ ପାଠ କରିଥିବା ବେଳେ ପ୍ରାବନ୍ଧିକା ବିଳାସିନୀ ଦାଶ, ଜ୍ୟୋତିପ୍ରଭା ପଟ୍ଟନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇ ତାଙ୍କ ରଚିତ 'ପରଶମଣି', 'କାଳିବୋହୂ', 'ରଘୁ-ଅରକ୍ଷିତ', 'ନଅତୁଣ୍ଡି' ଆଦି ଉପନ୍ୟାସର ମର୍ମ ଅବତାରଣା କରିଥିଲେ । ପ୍ରାବନ୍ଧିକା ଶାନ୍ତିଲତା ଦେବୀ, ଡ.ବୃନ୍ଦାବନ ପଣ୍ଡା, ଗୟା ପ୍ରସାଦ ମିଶ୍ର, ବିଦ୍ୟାଧର ଲେଙ୍କା, ରାଜ କିଶୋର ବଳିଆରସିଂହ ପ୍ରମୁଖ କୁନ୍ତଳାଙ୍କ ସାରସ୍ୱତ ପ୍ରତିଭା ସଂପର୍କରେ ଆଲୋଚନା କରିଥିଲେ । ଆର୍ଯ୍ୟବର୍ତ୍ତ ଆନସିଏଂଟ ଏକାଡେମୀର ଦ୍ୱିତୀୟ ଶ୍ରେଣୀ ଛାତ୍ର ସଂଭବ ବଳିଆରସିଂହ କୁନ୍ତଳା କୁମାରୀଙ୍କ 'ଛୋଟ ବଡ଼'କବିତା ଆବୃତି କରିଥିଲେ। କବି ନୀଳାଦ୍ରି ଜଗଦ୍ଦେବଙ୍କ ସଂଯୋଜନାରେ ମାଗି ଦାସ ଓ ଅନ୍ୟମାନେ କବିତା ପାଠ କରିଥିଲେ । ଏହି ଅବସରରେ କବି ଗୟା ପ୍ରସାଦ ମିଶ୍ରଙ୍କ କବିତା ପୁସ୍ତକ 'ଆନନ୍ଦିକା' ଲୋକାର୍ପଣ ହୋଇଥିଲା । ପ୍ରଥମେ ସ୍ୱର ସାମ୍ରାଜ୍ଞୀ ଲତା ମଙ୍ଗେସକରଙ୍କ ବିୟୋଗରେ ୨ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ତ୍ରିନାଥ ଚରଣ କଳା ସଂସଦ ସଂପାଦିକା ଇତିଶ୍ରୀ ସାହୁ ଧନ୍ୟବାଦ ଦେଇଥିଲେ ।

## ଗାର୍ଗୀ ବାନାର୍ଜୀ ଏବିଭିପି ସଭାପତି, ସୌଭାଗ୍ୟ ମହାନ୍ତି ସମ୍ପାଦକ ଭାବେ ପୁନଃ ନିର୍ବାଚିତ

ଭୁବନେଶ୍ୱର, (ପି.ଏନ): ୨୦୨୨-୨୩ ଶିକ୍ଷାବର୍ଷ ପାଇଁ ଏବିଭିପି ଓଡିଶାର ରାଜ୍ୟ ସଭାପତି ଭାବରେ ଅଧ୍ୟାପିକା ଗାର୍ଗୀ ବାନାର୍ଜୀ ଓ ରାଜ୍ୟ ସମ୍ପାଦକ ଭାବରେ ଶ୍ରୀମାନ ସୌଭାଗ୍ୟ ମହାନ୍ତି ପୁନଃ ନିର୍ବାଚିତ ହୋଇଛନ୍ତି । ଏବିଭିପି ଓଡିଶାର ଭୁବନେଶ୍ୱର ସ୍ଥିତ ରାଜ୍ୟ କାର୍ଯ୍ୟାଳୟରୁ ଏହି ସୂଚନା ଦିଆଯାଇଛି । ନିର୍ବାଚନ ଅଧିକାରୀ ଅଧ୍ୟାପକ ଭାଗିରଥୀ ପୃଷ୍ଟିଙ୍କ ଦ୍ୱାରା ଜାରି ହୋଇଥିବା ବିବୃତି ଅନୁସାରେ ଦୁଇ ଜଣଙ୍କ କାର୍ଯ୍ୟକାଳ ୧ ବର୍ଷ ରହିବ। ଭୁବନେଶ୍ୱରରେ ହେବାକୁ ଥିବା ୪୬ ତମ ରାଜ୍ୟ ଅଧିବେଶନରେ ଦୁହେଁ ଦାୟିତ୍ୱ ଗ୍ରହଣ କରିବେ। ଅଧ୍ୟାପିକା ଗାର୍ଗୀ ବାନାର୍ଜୀ- ଗାର୍ଗୀ ବାନାର୍ଜୀ ବର୍ତମାନ ପଟିଆ ସ୍ଥିତ ରାଜା ମଧୁସୂଦନ ଦେବ ଡିଗ୍ରୀ କଲେଜରେ ବାଣିଜ୍ୟ ବିଭାଗର ଅଧ୍ୟାପିକା ଅଟନ୍ତି। ସେ ୨୦୧୪ରୁ ଅଧ୍ୟାପିକା କାର୍ଯ୍ୟକର୍ତା ଭାବେ ଯୋଡି ହେବାଠାରୁ ଭୁବନେଶ୍ୱର ମହାନଗର ସଭାପତି ଠାରୁ ରାଜ୍ୟ ସଭାପତି ଯାଏଁ ସଙ୍ଗଠନର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀ ସହିତ କାର୍ଯ୍ୟକରି ଆସିଛନ୍ତି । ସେ ମୁମ୍ବାଇ ବିଶ୍ୱବିଦ୍ୟାଳୟରେ ଏମ.କମ, ଛତିଶଗଡ ସ୍ଥିତ ଡକ୍ଟର ସିଭିରମଣ ବିଶ୍ୱବିଦ୍ୟାଳୟରେ ଏମବିଏ (ଏଚଆର) ସମାପ୍ତ କରିଛନ୍ତି ।ସେହିପରି ସୌଭାଗ୍ୟ ମହାନ୍ତି ବାଲେଶ୍ୱର ଲ କଲେଜରୁ ଡିଗ୍ରୀ ହାସଲ କରିଛନ୍ତି। ୨୦୧୪ରୁ ବିଦ୍ୟାର୍ଥୀ ପରିଷଦରେ ଯୋଡି ହୋଇ ବିଭିନ୍ନ ଦାୟୀତ୍ୱ ତୁଲାଇବା ପରେ ରାଜ୍ୟ ସମ୍ପାଦକ ଭଳି ଗୁରୁ ଦାୟିତ୍ୱ ତୁଲାଇଛନ୍ତି।

## ବିଜେପିରେ ସାମିଲ ହେଲେ ଏକାମ୍ର ନିର୍ବାଚନ ମଣ୍ଡଳୀର ବହୁ ଯୁବନେତା

ଭୁବନେଶ୍ୱର, (ପି.ଏନ): ରାଜ୍ୟ ବିଜେପି କାର୍ଯ୍ୟାଳୟଠାରେ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଉପସ୍ଥିତିରେ ଏବଂ ଭୁବନେଶ୍ୱର ଜିଲ୍ଲା ସଭାପତି ବାବୁ ସିଂ ଙ୍କ ନେତୃତ୍ୱରେ ଏକାମ୍ର ନିର୍ବାଚନର ବହୁ ଯୁବ ନେତୃତ୍ୱ ଆଜି ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗଦାନ କରିଛନ୍ତି । ଏକାମ୍ର ଭୂବନେଶ୍ୱର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାସୁଆଘାଇ ପଂଚାୟତର ଯୁବ ନେତା ବିପ୍ର ଚରଣ ଜେନା (ବାପୁ)ଙ୍କ ନେତୃତ୍ୱରେ ସ୍ଥାନୀୟ ଅଂଚଳର ଯୁବ ନେତା ସନ୍ତୋଷ ଜେନା, ସୁରେଶ ଜେନା, ଅଶୋକ ବସ୍ତିଆ, ବିମଳ ଲେଙ୍କା, ମୁନା ଜେନା, ସୁଶୀଲ ଦାସ, ବିଶ୍ୱଜିତ୍ ମହାନ୍ତି, ରଶ୍ମୀରଞ୍ଜନ ଜେନା, ଇଲିୟାସ ନାୟକ, ଦିଲିପ ଜେନା, ପ୍ରିତୀ ରଞ୍ଜନ ସାହୁ, ବବଲୁ ନାଏକ, ସୁଧାଂଶୁ ନାୟକ, ଅଲେଖ ମହାପାତ୍ର, ଶଙ୍କର ଦାସ, ଅକ୍ଷୟ ପଣ୍ଡା, ଚିକୁ ସାହାଣୀ, ଜଗନ ନାୟକ, ଅରକ୍ଷିତ ସ୍ୱାଇଁ ପ୍ରମୁଖ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେପିରେ ସାମିଲ ହୋଇଛନ୍ତି। ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଏବଂ ରାଜ୍ୟ ସାଧାରଣ ସଂପାଦକ ଡ.ଲେଖାଶ୍ରୀ ସାମନ୍ତସିଂହାର ନୂତନ ଭାବେ ବିଜେପିରେ ସାମିଲ ହୋଇଥିବା ସମସ୍ତ ନୂତନ ସଦସ୍ୟମାନଙ୍କୁ ଦଳୀୟ ଉତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ ଜଣାଇଥିଲେ । ଯୁବଶକ୍ତିଙ୍କ ଯୋଗଦାନ ପାର୍ଟୀର ସଂଗଠନକୁ ଆହୁରି ଅଧିକ ସୁଦୃଢ କରିବା ସହିତ ଭାରତୀୟ ଜନତା ପାର୍ଟିକୁ ଆଗାମୀ ତ୍ରୀସ୍ତରୀୟ ନିର୍ବାଚନରେ ନିଶ୍ଚିତ ସଫଳତା ଦେବ ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି ଦୃଢୋକ୍ତି ପ୍ରକାଶ କରିଛନ୍ତି ।ଏହି ମିଶ୍ରଣ ପର୍ବ ଅବସରରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ ଓ ଜୟନ୍ତ ଜେନା, ରାଜ୍ୟ ମୁଖପାତ୍ର ସୋନାଲୀ ସାହୁ, ରାଜ୍ୟ ଗଣମାଧ୍ୟମ ସହମୁଖ୍ୟ ସୁଜିତ୍ କୁମାର ଦାସ, ଜିଲ୍ଲା ସାଧାରଣ ସମ୍ପାଦକ ହିମାଂଶୁ ଶେଖର ଛୋଟରାୟ, ଏକାମ୍ର ମଣ୍ଡଳ ପ୍ରଭାରୀ ତାପସ ଦଳାଇ, ଏକାମ୍ର ଗ୍ରାମୀଣ ମଣ୍ଡଳ ସଭାପତି ଅରୁଣ ପୁରୋହିତ, ଲିଙ୍ଗରାଜ ମଣ୍ଡଳ ସଭାପତି ସୁରେନ୍ଦ୍ର ପ୍ରଧାନ, ପୂର୍ବତନ କର୍ପୋରେଟର ସୁରେଶ ଜେନା, ପ୍ରଫୁଲ୍ଲ ସ୍ୱାଇଁ, ସୁନୀଲ ସ୍ୱାଇଁ, ସତ୍ୟନାରାୟଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ଶାସକ ଦଳ ପ୍ରତି ନିର୍ବାଚନ ଆୟୋଗ ଦୃଷ୍ଟି ଦିଅନ୍ତୁ : ନିରଞ୍ଜନ ପଟ୍ଟନାୟକ

ଭୁବନେଶ୍ୱର, (ପି.ଏନ): ରାଜ୍ୟ ନିର୍ବାଚନ ଆୟୋଗ ପଂଚାୟତ ନିର୍ବାଚନ ପ୍ରଚାରର କଟକଣା କୋହଳପାଇଁ ଯେଉଁ ନିଷ୍ପତି ଗ୍ରହଣ କଲେ ତାହାକୁ କଂଗ୍ରେସ ଦଳ ସ୍ୱାଗତ କରୁଛି। କିନ୍ତୁ ୨ ଶାସକ ଦଳ ଦ୍ୱାରା ନିୟମ ଉଲ୍ଲଙ୍ଘନ ପ୍ରତି ନିର୍ବାଚନ ଆୟୋଗ ସଂପୂର୍ଣ୍ଣ ସର୍ତକ ନରହିବା ଏକ ଦୁଃଖଦାୟକ ଓ ପରିତାପର ବିଷୟ ବୋଲି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି । କେନ୍ଦ୍ର ଓ ରାଜ୍ୟସରକାରରେ ଥିବା ବିଜେପି ଓ ବିଜେଡ଼ି ବ୍ୟାପକ ପରିମାଣରେ ଅର୍ଥ ବଳ ପ୍ରୟୋଗ କରିବା ସହ ବାହୁବଳ ତଥା ଶାସନ କଳର ଅପବ୍ୟବହାର କରିବା ଫଳରେ ନିର୍ବାଚନ ମୁକ୍ତ ଏବଂ ଅବାଧ ରହିପାରୁ ନାହିଁ। ନିର୍ବାଚନ ଆୟୋଗ ଶାସକ ଦଳର ଗତିବିଧି ପ୍ରତି ସତର୍କ ଦୃଷ୍ଟି ଦେଉ ନାହାନ୍ତି। କରୋନା ମହାମାରୀ ପାଇଁ ନିର୍ବାଚନ ଆୟୋଗ ପ୍ରଚାର ପାଇଁ ୫ଜଣଙ୍କୁ ନେଇ ଘରକୁ ଘର ପ୍ରଚାର ନିୟମ କରିଥିଲେ କିନ୍ତୁ ଶାସକ ଦଳ ଶହ ଶହ ଲୋକ ନେଇ ପ୍ରଚାର କରୁଛନ୍ତି। ସେମାନେ ଖୋଲାଖୋଲି ଆଚରଣବିଧି ଉଲଙ୍ଘନ କରୁଥିବା ବେଳେ ନିର୍ବାଚନ ଆୟୋଗ ନିରବଦ୍ରଷ୍ଟା ସାଜିଛନ୍ତି। ତେଣୁ ଗଣତନ୍ତ୍ରର ସୁରକ୍ଷା ଓ ଅବାଧ ଏବଂ ମୁକ୍ତ ନିର୍ବାଚନ କରିବାପାଇଁ ସବୁ ଦଳକୁ ସମାନ ଦୃଷ୍ଟିରେ ଦେଖିବା ସହ ଆଇନ ଉଲଙ୍ଘନଙ୍କକାରୀଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାପାଇଁ ଶ୍ରୀ ପଟ୍ଟନାୟକ ରାଜ୍ୟ ନିର୍ବାଚନ ଆୟୋଗଙ୍କୁ ଅନୁରୋଧ କରିଛନ୍ତି।

## ବଳକା ଉଷୁନା ଚାଉଳ କିଣିବାକୁ ନେଇ ବିଜେଡିର ଗଣଧାରଣା କାଲିଠୁ

ଭୁବନେଶ୍ୱର, (ପି.ଏନ): ବଳକା ଉଷୁନା ଚାଉଳ ନେଇ ଆନ୍ଦୋଳନକୁ ଓହ୍ଲାଇବ ବିଜେଡି। ଏହି ଅଭିଯୋଗ ନେଇ ଆସନ୍ତା କାଲି ( ମଙ୍ଗଳବାର) ଠାରୁ ବିଜେଡି ଭୁବନେଶ୍ୱର ଏଫସିଆଇ ଆଗରେ ବିଜେଡି ପକ୍ଷରୁ ଗଣ ଧାରଣା ଦିଆଯିବ । ସୋମବାର ଦିନ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ବିଜେଡି ନେତ୍ରୀ ଶ୍ରୀମୟୀ ମିଶ୍ର, ସୁଲତା ଦେଓ କହିଛନ୍ତି ଯେ ନିର୍ବାଚନ ଆସିଲେ ବିଜେପିର ଚାଷୀଙ୍କ କଥା ମନେ ପଡେ । ଧାନ ଚାଉଳ ଉତ୍ପାଦନରେ ବଳକା ରାଜ୍ୟ ଭାବେ ଓଡିଶାକୁ ବିବେଚନା କରାଯାଏ। ଓଡିଶାରେ ପ୍ରଚୁର ପରିମାଣରେ ଉଷୁନା ଚାଉଳ ଉତ୍ପାଦନ କରାଯାଇଥାଏ । କେନ୍ଦ୍ର ସରକାର ଏଫସିଆଇ ମାଧ୍ୟମରେ ବଳକା ଚାଉଳ ସଂଘୀୟ ବ୍ୟବସ୍ଥା ଅନୁସାରେ ଉଠାଣ କରିଥାନ୍ତି । କିନ୍ତୁ କେନ୍ଦ୍ର ସରକାର ଓଡିଶା ସହ ଖେଳୁଛନ୍ତି । ଓଡିଶାର ଚାଷୀଙ୍କ ସହ ଅନ୍ୟାୟ କରୁଛନ୍ତି ।ବିଜେପି ନେତା ମାନେ କେବଳ ନିର୍ବାଚନ ସମୟରେ କୁମ୍ଭୀର କାନ୍ଦଣା କାନ୍ଦିଥାନ୍ତି । ଚାଷୀଙ୍କ ସହ ଖେଳିଥାନ୍ତି । ଏନେଇ ବିଜେପିର କୌଣସି ସାଂସଦ ମଧ୍ୟ କେନ୍ଦ୍ର ନିକଟରେ ଫେରାଦ ହୋଇନଥିବା ଅଭିଯୋଗ କରିଛି ବିଜେଡି । ବିଜେଡି ନେତ୍ରୀ ଶ୍ରୀମୟୀ ମିଶ୍ର କହିଛନ୍ତି, ୨୦୨୧-୨୨ ଖରିଫ ଋତୁରେ ଓଡିଶାରୁ ଚାଉଳ ସଂଗ୍ରହର ମୋଟ ଧାର୍ଯ୍ୟ ଲକ୍ଷ୍ୟ ହେଉଛି ୫୨ ଲକ୍ଷ ମେଟ୍ରିକ୍ ଟନ୍ । ୩୦ ଲକ୍ଷ ମେଟ୍ରିକ୍ ଟନ୍ ରାଜ୍ୟରେ ବ୍ୟବହାର ହେବ । ଅବଶିଷ୍ଟ ୨୨ ଲକ୍ଷ ମେଟ୍ରିକ ଟନ୍ ଚାଉଳ ମଧ୍ୟରୁ ୨ ଲକ୍ଷ ମେଟ୍ରିକ୍ ଟନ୍ ଅରୁଆ ଚାଉଳ ଉଠାଯିବ । ବଳକା ୨୦ ଲକ୍ଷ ମେଟ୍ରିକ୍ ଟନ୍ ମଧ୍ୟରୁ ୫ ଲକ୍ଷ ମେଟ୍ରିକ୍ ଟନ୍ ଭିଟାମିନ ଯୁକ୍ତ ଉଷୁନା ଚାଉଳ ଭାବରେ ଉଠାଇବାକୁ ଲକ୍ଷ୍ୟ ରଖାଯାଇଥିଲା ଯାହା ଏପର୍ଯ୍ୟନ୍ତ ଉଠାଯାଇ ନାହିଁ । ଅବଶିଷ୍ଟ ୧୫ ଲକ୍ଷ ମେଟ୍ରିକ ଟନ୍ ଉଷୁନା ଚାଉଳକୁ ବି କେନ୍ଦ୍ର ଉଠାଉନାହିଁ । ଏହା ଏବେ ଓଡିଶାର ଚାଷୀଙ୍କ ଜୀବନ ମୃତ୍ୟୁର କାରଣ ପାଲଟିଛି । କୃଷକଙ୍କ କଲ୍ୟାଣକୁ ନେଇ ଓଡ଼ିଶା ବିଜେପି କୁମ୍ଭୀର କାନ୍ଦଣା କାନ୍ଦୁଛି । ଏହାର ମିଥ୍ୟା ଏବଂ ଦୋମୁହାଁ କାର୍ଯ୍ୟ ବର୍ତମାନ ଓଡିଶାର ଲୋକ ଏବଂ ବିଶେଷ କରି ଓଡିଶାର କୃଷକଙ୍କ ଆଗରେ ଧରାପଡି ଯାଇଛି । ରାଜ୍ୟର ବିଜେପି ସାଂସଦମାନେ ଚାଷୀଙ୍କ ପାଖକୁ ଯାଇ ନିର୍ବାଚନ ସମୟରେ ଭୋଟ୍ ମାଗିଥାନ୍ତି କିନ୍ତୁ ଯେତେବେଳେ ଚାଷୀଙ୍କ ଉପରେ ଏଭଳି ଘୋର ବିପଦ ଆସେ, ସେତେବେଳେ ସେମାନେ ଦେଖା ଦିଅନ୍ତି ନାହିଁ । ସେମାନେ କୃଷକଙ୍କ କଲ୍ୟାଣ ବିଷୟରେ ନୁହେଁ, କେବଳ ନିଜର ଭୋଟ କଥା ଚିନ୍ତା କରିଥାନ୍ତି । ଓଡିଶାର କୃଷକ ଏବଂ ସେମାନଙ୍କ ହକ୍ ପାଇଁ ଛିଡା ହେବା ପରିବର୍ତେ ବିଜେପି ଓଡିଶାର ଚାଷୀଙ୍କ ସ୍ୱାର୍ଥ ବିରୁଦ୍ଧରେ କାର୍ଯ୍ୟ କରୁଛି । ଆମେ ଦାବି କରୁଛୁ ଯେ ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାର ତୁରନ୍ତ ଓଡିଶାରୁ ବଳକା ଉଷୁନା ଚାଉଳ ଉଠାଣ ଆରମ୍ଭ କରିବା ସହିତ ଏହା ଯେଭଳି ଓଡ଼ିଶାର କୋଟି କୋଟି ଚାଷୀଙ୍କ ଜୀବନ ଓ ଜୀବିକା ଉପରେ ପ୍ରତିକୂଳ ପ୍ରଭାବ ପକାଇବ ନାହିଁ ତାହା ନିଶ୍ଚିତ କରିବା ଉଚିତ୍ ।ଓଡିଶା ବିଶେଷକରି କଳାହାଣ୍ଡି, ବଲାଙ୍ଗୀର, ବରଗଡ, ସମ୍ବଲପୁର, ସୋନପୁର, ନୂଆପଡା, ଦେବଗଡ ଏବଂ ନବରଙ୍ଗପୁର ଜିଲ୍ଲାର କୃଷକମାନେ ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ସମ୍ବେଦନହୀନତା ମନୋଭାବ ଦ୍ୱାରା ଗୁରୁତର ଭାବରେ ପ୍ରଭାବିତ ହେବେ । ଓଡିଶାର ଲୋକ ଏବଂ ବିଶେଷକରି ଓଡିଶାର କୃଷକମାନେ ବିଜେପିର ଏହି ଚାଷୀ ବିରୋଧୀ ତଥା ଓଡ଼ିଶା ବିରୋଧୀ ମନୋଭାବର ଉଚିତ୍ ଜବାବ ଦେବେ ବୋଲି ବିଜେଡିର ଦୁଇ ମୁଖପାତ୍ର କହିଛନ୍ତି ।

## ଆଇନଗତ ଉତରାଧିକାରୀ ପ୍ରମାଣପତ୍ରକୁ ନେଇ ରାଜସ୍ୱ କାର୍ଯ୍ୟାଳୟ ଅଫିସରେ ପଶି ଯୁବକଙ୍କ ଉନ୍ମତକାଣ୍ଡ,ବାଘମାରୀ ଥାନାରେ ମାମଲା ରୁଜୁ

ଖୋର୍ଦ୍ଧା, (ପିଏନ): ବେଗୁନିଆ ତହସିଲ ଅଧିନରେ ଥିବା ବାଘମାରୀ ରାଜସ୍ୱ କାର୍ଯ୍ୟାଳୟରେ ଆଇନଗତ ଉତରାଧିକାରୀ ପ୍ରମାଣପତ୍ରକୁ ନେଇ ଯୁବକ ଉନ୍ମତକାଣ୍ଡ କରିବା ସହ କାର୍ଯ୍ୟାଳୟର କିଛି ଆବଶ୍ୟକୀୟ କାଗଜାତକୁ ଧରି ନେଇ ଯିବାକୁ ଉଦ୍ୟମ କରିଥିଲେ । ଏ ନେଇ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ବୁଟୁ ସାହୁ ବାଘମାରୀ ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ଅଭିଯୁକ୍ତକୁ ଅଟକ ରଖି ତଦ' ଚଳାଇଛି । ବାଘମାରୀ ଥାନା ଅଧିକାରୀଣୀ ଅର୍ଚ୍ଚନା ମଲ୍ଲିକଙ୍କ ସୂଚନା ଅନୁଯାଇ ଖୋର୍ଦ୍ଧା ସଦର ଥାନା ଅ'ର୍ଗତ ଦୁର୍ଗାପୁର ପଂଚାୟତର ବେଙ୍ଗିଟାଙ୍ଗୀ ଗ୍ରାମର ଜଣେ ଯୁବକ ଆଇନଗତ ଉତରାଧିକାରୀ ପାଇବା ପାଇଁ ଆବେଦନ କରିଥିଲେ ।ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ତଦ' କଲା ପରେ ଏହା ସମ୍ପୂର୍ଣ୍ଣ ଭାବରେ ବେଆଇନ ବୋଲି ଜାଣିବାକୁ ପାଇବା ପରେ ଅଯୋଗ୍ୟ ଘୋଷିତ କରି ରଦ୍ଦ କରିଥିଲେ । ଏଥିରେ ସେହି ଗ୍ରାମର ଦୁଷ୍ମ' ସାମ'ରାୟ (୩୦) ରାଜସ୍ୱ କାର୍ଯ୍ୟାଳୟରେ ପହଂଚି ଆଇନଗତ ଉତରାଧିକାରୀ ପ୍ରମାଣପତ୍ର କରିବାକୁ ଜୋର ଜବରଦସ୍ତ ଭାବେ କରିବାକୁ ଅଡି ବସିଥିଲେ ।

## ପୋରାଧକ୍ଷ ସଂରକ୍ଷଣରେ ଚଂଚକତା; ରାଜ୍ୟ ନିର୍ବାଚନ କମିଶନ ଆଗରେ ଫେରାଦ ହେଲା ବିଜେପି

ଭୁବନେଶ୍ୱର,(ପି.ଏନ): ଆସନ୍ତା ପୌର ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ କମିଶନ ସ୍ଥାନ ଓ ପଦ ସଂରକ୍ଷଣ ଏବଂ ଭୋଟର ତାଲିକା ପ୍ରସଙ୍ଗରେ ବିଜ୍ଞପ୍ତି ଜାରୀ କରିଛନ୍ତି । ପୌରାଧକ୍ଷ ସଂରକ୍ଷଣକୁ ନେଇ ହୋଇଥିବା ଏକ ବଡ ଚଂଚକତା ସାମ୍ନାକୁ ଆସିଛି । ସୁନ୍ଦରଗଡ ଜିଲ୍ଲାର ବିରମିତ୍ରପୁର ମ୍ୟୁନିସିପାଲିଟିର ୮୦ ପ୍ରତିଶତ ଆଦିବାସୀ ବହୁଳ ହୋଇଥିବା ବେଳେ ୩ଟି ୱାର୍ଡ ଅଣସଂରକ୍ଷିତ ହୋଇଥିବା ବେଳେ ଅନ୍ୟ ସମସ୍ତ ଏସଟିଙ୍କ ପାଇଁ ସଂରକ୍ଷିତ ରହିଛି । ଏଭଳି ସ୍ଥିତିରେ ପୌରାଧକ୍ଷ ପଦଟି କେଉଁ ଆଧାରରେ ଅଣସଂରକ୍ଷିତ ଭାବେ ପ୍ରକାଶ ପାଇଛି ? ଏହାକୁ ବିରୋଧ କରି ବିରମତ୍ରପୁର ବିଧାୟକ ଶଙ୍କର ଓରାମ ଗତ ଜାନୁଆରୀ ୨୮ ତାରିଖ ଦିନ ଡାଇରେକ୍ଟର ମ୍ୟୁନିସିପାଲ ଆଡମିନଷ୍ଟ୍ରେସନ୍, ହାଉସିଂ ଓ ଅର୍ବାନ ଡେଭେଲପମେଂଟ୍, ଓଡିଶା ସରକାରଙ୍କୁ ଏକ ପତ୍ର ଲେଖି ଅଭିଯୋଗ କରିଛନ୍ତି । ଏଭଳି କିଛି ଅଭିଯୋଗକୁ ନେଇ ଆଜି ବିଜେପି ପ୍ରତିନିଧି ଦଳ ରାଜ୍ୟ ନିର୍ବାଚନ କମିଶନଙ୍କ ନିକଟରେ ଫେରାଦ ହୋଇଛି ।ସେହିପରି ଗତ ୩ ତାରିଖ ସକାଳେ ଗଂଜାମ ଜିଲ୍ଲା ରଙ୍ଗେଇଲୁଣ୍ଡା ବ୍ଲକ ପଦମପୁର ଗ୍ରାମ ପଂଚାୟତ ଅନ୍ତର୍ଗତ ଡୁମୁଡୁମି ଛକ ଠାରେ ବିଜେପି ଜିଲ୍ଲା ପରିଷଦ ପ୍ରାର୍ଥୀ ଶୁବାଷିଶ ସାହୁଙ୍କ ହୋର୍ଡିଂ / ବ୍ୟାନରକୁ ସ୍ଥାନୀୟ ତହସିଲଦାରଙ୍କ ସରକାରୀ ଗାଡି (ଓଡି-୦୭ ଏବି ୫୫୬୬)ରେ କିଛି ବିଜେଡି କର୍ମୀମାନେ ଆସି ଚିରିଫାଡି ଦେଇଥିଲେ । ଯାହାକି ଗଣମାଧ୍ୟମରେ ପ୍ରକାଶ ପାଇଛି ଏବଂ ଏହାର ସିଡି ମଧ୍ୟ ନିର୍ବାଚନ କମିଶନଙ୍କୁ ପ୍ରଦାନ କରାଯାଇଛି ।ସେହିଭଳି କଳାହାଣ୍ଡି ଜିଲ୍ଲା ଜୁନାଗଡ ବ୍ଲକ ଜୋନ ନଂ-୨ ଅନ୍ତର୍ଗତ ଗୌଡଛେଣ୍ଡିଆ ଗ୍ରାମରେ ବିଜେଡି କାର୍ଯ୍ୟକର୍ତାମାନେ ସମସ୍ତ ନିୟମକୁ ଜଳାଞ୍ଜଳୀ ଦେଇ ଭୋଟରମାନଙ୍କୁ ପ୍ରଭାବିତ କରିବା ପାଇଁ ଖୋଲାଖୋଲି ଭାବେ ଟଙ୍କା ବଂଟନ କରିବାର ଭିଡିଓ ଭାଇରାଲ ହୋଇଛି । ଏଭଳି ବେନିୟମ କାର୍ଯ୍ୟ ବିରୋଧରେ ସ୍ଥାନୀୟ ନିର୍ବାଚନ ଅଧିକାରୀଙ୍କୁ ଅଭିଯୋଗ କଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ଏହି ଘଟଣାର ସିଡି ମଧ୍ୟ ନିର୍ବାଚନ କମିଶନଙ୍କ ନିକଟରେ ଦାଖଲ କରାଯାଇଛି ।ରାଜ୍ୟରେ ଅବାଧ, ମୁକ୍ତ ଓ ନିରପେକ୍ଷ ପଂଚାୟତ ଏବଂ ପୌର ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ କମିଶନ ତୁରନ୍ତ ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଜେପି ତରଫରୁ ଦାବୀ କରାଯାଇଛି । ଏହି ପ୍ରତିନିଧି ଦଳରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ରାଜ୍ୟ ମୁଖପାତ୍ର ସୋନାଲୀ ସାହୁ, ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ, ଲିଗାଲସେଲ୍‌ର ରବି ଶଙ୍କର ପଟ୍ଟନାୟକ, ମହେନ୍ଦ୍ର ପ୍ରଧାନ, ଭୁବନେଶ୍ୱର ମହାନଗର ନିଗମର ପୂର୍ବତନ କର୍ପୋରେଟର ସୁଶାନ୍ତ କୁମାର ଜେନା ପ୍ରମୁଖ ସାମିଲ ଥିଲେ ।

## ରାଜ୍ୟ ବିଜେପି ବିଭିନ୍ନ ମୋର୍ଚ୍ଚା ପ୍ରଭାରୀ ତାଲିକା ଘୋଷଣା

ଭୁବନେଶ୍ୱର,(ପି.ଏନ): ଦଳୀୟ ସଂଗଠନକୁ ଆହୁରି ସୁଦୃଢ କରିବା ଏବଂ ସଂଗଠନରେ ମୋର୍ଚ୍ଚାମାନଙ୍କର ସଂଗଠନାତ୍ମକ, ରଚନାତ୍ମକ ଓ ଆନ୍ଦୋଳନାତ୍ମକ କାର୍ଯ୍ୟାଧାରାକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତିଙ୍କ ଅନୁମୋଦନକ୍ରମେ ରାଜ୍ୟ ବିଜେପିର ବିଭିନ୍ନ ମୋର୍ଚ୍ଚା ପାଇଁ ରାଜ୍ୟ ପ୍ରଭାରୀଙ୍କ ନାମ ଘୋଷଣା ହୋଇଛି । ଅନୁସୂଚିତ ଜାତି ମୋର୍ଚ୍ଚା ପ୍ରଭାରୀ: ପୃଥ୍ୱୀରାଜ ହରିଚନ୍ଦନ (ରାଜ୍ୟ ସାଧାରଣ ସଂପାଦକ); ଯୁବ ମୋର୍ଚ୍ଚା ପ୍ରଭାରୀ: ଗୋଲକ ପ୍ରସାଦ ମହାପାତ୍ର (ରାଜ୍ୟ ସାଧାରଣ ସଂପାଦକ), ସଂଖ୍ୟାଲଘୁ ମୋର୍ଚ୍ଚା ପ୍ରଭାରୀ:ରବି ନାରାୟଣ ନାଏକ (ରାଜ୍ୟ ସାଧାରଣ ସଂପାଦକ), ଓବିସି ମୋର୍ଚ୍ଚା ପ୍ରଭାରୀ: ଡ.ଲେଖାଶ୍ରୀ ସାମନ୍ତସିଂହାର (ରାଜ୍ୟ ସାଧାରଣ ସଂପାଦକ); ଅନୁସୂଚିତ ଜନଜାତି (ଏସଟି) ମୋର୍ଚ୍ଚା ପ୍ରଭାରୀ:ସୁକେଶୀ ଓରାମ (ରାଜ୍ୟ ଉପସଭାନେତ୍ରୀ), ମହିଳା ମୋର୍ଚ୍ଚା ପ୍ରଭାରୀ: ଶ୍ରୀମତୀ ଅନୀତା ଶୁଭଦର୍ଶିନୀ ପଟ୍ଟନାୟକ (ରାଜ୍ୟ ଉପସଭାନେତ୍ରୀ), କୃଷକ ମୋର୍ଚ୍ଚା ପ୍ରଭାରୀ: କାଳନ୍ଦୀ ସାମଲ (ରାଜ୍ୟ ସଂପାଦକ)ଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି ବୋଲି ରାଜ୍ୟ କାର୍ଯ୍ୟାଳୟରୁ ପ୍ରକାଶ କରାଯାଇଛି ।





2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada

# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK










## ଆଇଗିଣିଆ ଠାରେ ଜାତୀୟ ରାଜପଥ ଉପରେ ଗୋଲେଇ ଛକ କରିବାପାଇଁ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ଓ ପ୍ରଦେଶ ଛାତ୍ର କଂଗ୍ରେସ ଜାତୀୟ ରାଜପଥ ଅଥରିଟି ଅଧିକାରୀଙ୍କୁ ଭେଟିଲେ

ଭୁବନେଶ୍ୱର,(ପି.ଏନ): ଆଜି ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ୟାସିର ନୱାଜ ଏବଂ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ବିଶ୍ୱଜିତ ଦାଶଙ୍କ ନେତୃତ୍ୱରେ ସ୍ଥାନୀୟ ଜନସାଧାରଣଙ୍କ ଏକ ପ୍ରତିନିଧି ପାଲହାଇଟ୍ସ ସ୍ଥିତ ଜାତୀୟ ରାଜପଥ ଅଥରିଟି ଅଧିକାରୀଙ୍କୁ ସାକ୍ଷାତ କରି ସେଠିକାର ରାସ୍ତା ସମସ୍ୟା ସଂପର୍କରେ ଜଣାଇବା ସହ ଏକ ଦାବିପତ୍ର ପ୍ରଦାନ କଲେ। ଦାବି ପତ୍ରରେ କୁହାଯାଇଛି ଯେ ଆଇଗଣିଆ, ଯଦୁପୁର, ଡୁମ୍‌ଡୁମା, ଡୁମଡୁମା କଲୋନୀ, ସରକନ୍ତରା ଓ ବାହାଦଲପୁରର ଅଧିବାସୀ ଜାତୀୟ ରାଜପଥ ଦେଇ ପ୍ରତିଦିନ ଯାତାୟତ କରୁଛନ୍ତି। ଜଣେ ବ୍ୟକ୍ତିଙ୍କୁ ଡୁମୁଡୁମାରୁ ଆସି ଖଣ୍ଡଗିରି ଦିଗରେ ଯିବାକୁ ହେଲେ ପ୍ରାୟ ୨ କି.ମି. ରାସ୍ତା ବୁଲି ପାତ୍ରପଡ଼ା ବ୍ରିଜ୍ ତଳ ଦେଇ ଯିବାକୁ ପଡୁଛି। ଉପରୋକ୍ତ ଗ୍ରାମର ପାୟ ୪୦/୪୫ ହଜାର ଲୋକ ଏହି ଅସୁବିଧାର ସମ୍ମୁଖିନ ହେଉଛନ୍ତି। କିଛି ଲୋକ ନିୟମ ନମାନି ଭୁଲ ରାସ୍ତାରେ ଯିବା ଫଳରେ କସମୋପଲି ଛକଠାରୁ ଖଣ୍ଡଗିରି ଛକ ମଧରେ ପ୍ରତିଦିନ ଦୁର୍ଘଟଣା ହେଉଛି। ଏଣୁ ସାଧାରଣ ଲୋକ ଏବଂ ସ୍ଥାନୀୟ ଅଧିବାସୀଙ୍କ ଦାବୀକୁ ଦୃଷ୍ଟିରେ ରଖି ଆଇଗିଣିଆ ଛକଦେଇ ଏକ ଗୋଲେଇ କରି ଏ ସମସ୍ୟାର ସମାଧାନ କରିବାକୁ ଅନୁରୋଧ। ଯଦି ଅନ୍ୟ କୌଣସି ଉପାୟରେ ଏ ସମସ୍ୟାର ସମଧାନ ହୋଇପାରିବ ସେ ବିଷୟ ସ୍ଥାନୀୟ ବାସିନ୍ଦାଙ୍କ ସହ ଆଲୋଚନା କରାଯାଉ।



ଆର.କେ.ଡି. କନଷ୍ଟ୍ରକସନ କମ୍ପାନୀ ଭୁବନେଶ୍ୱର କସମପଲି ଛକରୁ ବରମୁଣ୍ଡା ଛକ ପର୍ଯ୍ୟନ୍ତ ଓଭରବ୍ରିଜ ନିର୍ମାଣ କରୁଛି। ଏହି କମ୍ପାନୀ ସେଠାରେ ନିମ୍ନମାନର କାମ କରିବା ଯୋଗୁ ବର୍ଷେ ନପୁରୁଣ ଓଭରବ୍ରିଜରେ ଫାଟ ସୃଷ୍ଟି ହେଉଛି। ରାସ୍ତାରେ ମଧ ଗାତ ସୃଷ୍ଟି ହେଉଛି। ଏହାର ମରାମତି ଦାୟୀତ୍ୱ ମଧ ଏହି କମ୍ପାନୀ ନେଇଛି। ମରାମତି ସମୟରେ ଦୁର୍ଘଟଣାକୁ ରୋକିବାପାଇଁ ଯେଉଁ ବ୍ୟବସ୍ଥା ଗ୍ରହଣ କରିବା କଥା ସେ ଦିଗରେ ପଦକ୍ଷେପ ଏହି କମ୍ପାନୀ ନ ନେବାଫଳରେ ଖଣ୍ଡଗିରୀ ଥାନା ସମ୍ମୁଖ ଓଭରବ୍ରିଜ ଉପରେ ବାରମ୍ବାର ଦୁର୍ଘଟଣା ହେଉଛି। ଯେଉଁଥିରେ ଦୁଇଜଣ ଲୋକ ମୃତ୍ୟୁବରଣ କରିବା ସହ ଅନେକ ଲୋକ ଗୁରୁତର ଭାବେ ଆହତ ହୋଇଛନ୍ତି। ଏହି କମ୍ପାନୀର ବେପରୁଆ ଏବଂ ଦାୟୀତ୍ୱ ହୀନ କାର୍ଯ୍ୟପାଇଁ ସେଠାରେ ଧନ, ଜୀବନ ଓ ଯାନର ବ୍ୟାପକ କ୍ଷୟକ୍ଷତି ହେଉଛି। ଗାଡ଼ି ଚାଳକ କିପରି ସାବଧାନତାର ସହ ରାସ୍ତାରେ ଯିବେ ତାହା ଏହି କମ୍ପାନୀର ଦାୟୀତ୍ୱ ଥିବାବେଳେ ଏହି କମ୍ପାନୀ ତାହାକୁ ନିର୍ବାହ କରି ନାହାନ୍ତି। ରାସ୍ତାରେ ପଥର ରଖି କାମ କରାଯାଉଛି। ଗାଡ଼ି ଚାଳକ ଜାଣି ନପାରିବା ଫଳରେ ଦୁର୍ଘଟଣା ହେଉଛି। ରାସ୍ତା କାମ ସଂପର୍କରେ ବ୍ୟାନର କିମ୍ବା ବୋର୍ଡ଼ ମରାଯାଇ ସତର୍କତା ସୂଚନା ଦିଆଯାଉନି। ଏହା ପ୍ରତିବାଦରେ ସେଠିକାର ସାଧାରଣ ଜନତା ଧାରଣା ଓ ପ୍ରତିବାଦ କରିଛନ୍ତି। ତଥାପି ଏହି କମ୍ପାନୀ କୌଣସି ପଦକ୍ଷେପ ନେଉ ନାହାନ୍ତି। ନିମ୍ନ ମାନର ରାସ୍ତା କାମ, ବ୍ରିଜ୍‌ରେ ଫାଟ ପାଇଁ ମରାମତି ସମୟରେ ସତର୍କତା ସୂଚନା ନଦେବା ଯୋଗୁଁ ସେଠାରେ ହେଉଥିବା ଦୁର୍ଘଟଣା ପାଇଁ ଆର.କେ.ଡି ଦାୟୀ। ଏଣୁ ସେଠାରେ କିପରି ଦୁର୍ଘଟଣା ଅଟକାଯାଇ ପାରିବ ତା'ର ବିଧିବଦ୍ଧ ପଦକ୍ଷେପ ନେବାକୁ ଏବଂ ଆର.କେ.ଡି ର ଖାମଖିଆଲି ମନୋଭାବ ବିରୋଧରେ ଜାତୀୟ ରାଜପଥ ଅଥରଟି ଅଧିକାରୀଙ୍କ ପାଖରେ ଅଭିଯୋଗ କରାଯାଇଥିଲା। ଜାତୀୟ ରାଜପଥ ଅଥରଟି ଅଧିକାରୀ ତୁରନ୍ତ ଏ ସଂପର୍କରେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରକାଶ ମିଶ୍ର, ମୋହନ ଜେନା, ଜୟକୃଷ୍ଣ ସୁବୁଦ୍ଧି, ରଣଜିତ ପାତ୍ର, ସ୍ୱାଗତ କର, ମହମ୍ମଦ ଗୁଲଫାମ, ମିହିର ଆଚାର୍ଯ୍ୟ, ଅଜୟ ସାହୁ, ମହମ୍ମଦ ତାକ୍ୱିନ, ସାଗର ପଟ୍ଟନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## କୋଭିଡ୍ ଟୀକାକରଣ ସଚେତନତା ପାଇଁ ଗଡିଲା ସଚେତନତା ରଥ



କେନ୍ଦୁଝର,(ପି.ଏନ): ମହାମାରୀ କୋଭିଡ୍ ସଂକ୍ରମଣରୁ ସୁରକ୍ଷା ପାଇଁ ଉପଯୁକ୍ତ ବ୍ୟବହାର ଓ ଟୀକାକରଣ ପାଇଁ ସଚେତନତା ସୃଷ୍ଟି ନିମନ୍ତେ କେନ୍ଦୁଝର ଜିଲ୍ଲାରେ ଗଡିଛି ସଚେତନତା ରଥ । ଚଳିତ ଫେବୃୟାରୀ ୮ ତାରିଖ ମଙ୍ଗଳବାର ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଜିଲ୍ଲାପାଳ ଆଶିଷ ଠାକରେ ପତାକା ଦେଖାଇ ସଚେତନତା ରଥର ଶୁଭାରମ୍ଭ କରିଥିଲେ। ଜିଲ୍ଲା ପ୍ରଶାସନ ଓ ଆକ୍ସନ୍-ଏଡ୍‌ର ମିଳିତ ସହଯୋଗରେ ଜିଲ୍ଲାରେ ମହାମାରୀ କୋଭିଡ୍ ସଂକ୍ରମଣରୁ ରକ୍ଷା ପାଇବା ପାଇଁ ଉକ୍ତ ସଚେତନତା ଅଭିଯାନ ଆରମ୍ଭ କରାଯାଇଛି । ଜିଲ୍ଲାରେ ଆଗାମୀ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି କୋଭିଡ୍ ଟେଷ୍ଟ ଓ ଟୀକାକରଣକୁ ବ୍ୟାପକ କରିବା ଉଦ୍ଦେଶ୍ୟରେ ଏହି ସଚେତନତା ଅଭିଯାନ ଆରମ୍ଭ କରାଯାଇଛି। ଯେଉଁ ଅଂଚଳରେ କୋଭିଡ୍ ଟୀକାକରଣ ହାର କମ ରହିଛି ସେହି ସ୍ଥାନ ମାନଙ୍କରେ ଉକ୍ତ ରଥ ପରିକ୍ରମା କରି ଅଧିକ ସଚେତନତା ସୃଷ୍ଟି କରିବ । ଜିଲ୍ଲାର ସମସ୍ତ ବ୍ଲକର ବିଭିନ୍ନ ଅଂଚଳରେ କୋଭିଡ୍ ସଂକ୍ରମଣରୁ ସୁରକ୍ଷା ପାଇଁ ଉପଯୁକ୍ତ ବ୍ୟବହାର ଓ ଟୀକାକରଣର ଉପକାରିତା ସମ୍ପର୍କରେ ସଚେତନତା ସୃଷ୍ଟି କରିବାରେ ଏହି ଅଭିଯାନ ବେଶ୍ ଫଳପ୍ରଦ ହେବ ବୋଲି ଜିଲ୍ଲାପାଳ ଆଶିଷ ଠାକରେ ମତବ୍ୟକ୍ତ କରିଛନ୍ତି। ବିଶେଷ କରି ୧୫ ବର୍ଷରୁ ୧୮ ବର୍ଷ ମଧ୍ୟରେ ସମସ୍ତ କିଶୋର କିଶୋରୀମାନେ କିପରି ଟୀକାକରଣ କେନ୍ଦ୍ରକୁ ଆସି ଟୀକା ନେବା ସହିତ କୋଭିଡ୍ ନିୟମ ମାନି ଚଳିବା, ନିୟମିତ ହାତ ଧୋଇବା, ମାସ୍କ ପିନ୍ଧିବା ଓ ଶାରିରୀକ ଦୂରତା ବଜାୟ ରଖିବା,ଭିଡକୁ ଏଡାଇବା ଏବଂ ନିଜକୁ ସୁରକ୍ଷିତ ରଖିବା ଉପରେ ସଚେତନତା ରଥ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରାଯିବ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ସୁଷମା ବିଲୁଙ୍ଗ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସୁଜାତାରାଣୀ ମିଶ୍ର ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇଥିଲେ। ଉପନିର୍ଦ୍ଦେଶକ ସୂଚନା ଓ ଲୋକ ସମ୍ପର୍କ, କେନ୍ଦୁଝର ସଂଜୀବ ବାରିକ, ଜିଲ୍ଲା ସମାଜ କଲ୍ୟାଣ ଅଧଦ୍ୱକାରୀ ଅନସୂୟା ସାହୁ, ସହକାରୀ ସମାଜ କଲ୍ୟାଣ ଅଧିକାରୀ ଗୁଣାକାର ଦାସ, ମିଶନ ଶକ୍ତିର ଜିଲ୍ଲା ସଂଯୋଜକ ଶିଶିର କୁମାର ଷଡଙ୍ଗୀ, ସୁରକ୍ଷା ଅଧିକାରୀ ନିହାରିକା ମିଶ୍ର, ୱାସନର ଜିଲ୍ଲା ସଂଯୋଜକ ଶିବ ଶଙ୍କର ବିଭାର, ଆକ୍ସନଏଡ୍‌ର ଜିଲ୍ଲା ସଂଯୋଜକ ପ୍ରିୟଙ୍କା ମଲ୍ଲିକଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ, କର୍ମକର୍ତ୍ତା ଉକ୍ତ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଏତଦ୍‌ବ୍ୟତୀତ ଉକ୍ତ ରଥ ବାଲ୍ୟ ବିବାହ ନିରାକରଣ ସମ୍ପର୍କରେ ମଧ ସଚେତନତା ସୃଷ୍ଟି କରିବା ବୋଲି ଏକ୍ସନଏଡ୍‌ର ସଂଯୋଜିକା ପ୍ରିୟଙ୍କା ମଲ୍ଲିକ ସୂଚନା ଦେଇଥିଲେ।






## ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ବଡ ଧରଣର ଚଢାଉ

ଢେଙ୍କିକୋଟ,(ପି.ଏନ): କେନ୍ଦୁଝର ଜିଲ୍ଲା ଅବକାରୀ ଅଧିକ୍ଷକ ସୀତାକାନ୍ତ ମୁଦୁଲିଙ୍କ ନିର୍ଦ୍ଦେଶ କ୍ରମେ ଆଜି ଘଟଗାଁ ତହସିଲର ଅତିରିକ୍ତ ତହସିଲଦାର ବଳଭଦ୍ର ପୂର୍ତ୍ତି ମାଜିଷ୍ଟ୍ରେଟ୍ କ୍ଷମତା ପାଇବା ସହିତ ପଣ୍ଡାପଡା ଥାନା ଆଇଆଇସିଙ୍କ ସମେତ କର୍ମଚାରୀ, ଏପିଆର ଫୋର୍ସ, ଆନନ୍ଦପୁର ଅବକାରୀ ନୀରିକ୍ଷକ, ପାଟଣା ଅବକାରୀ ନୀରିକ୍ଷକ, ଘଟଗାଁ ଅବକାରୀ ଥାନା ଅଧିକାରୀ କୃଷ୍ଣଚନ୍ଦ୍ର ପରିଡା ଓ ସମସ୍ତ ଷ୍ଟାଫ୍, ଜିଲ୍ଲା ଅବକାରୀ ଭ୍ରାମ୍ୟମାଣ ଷ୍ଟାଫ୍ ମାନଙ୍କୁ ନେଇ ବିଭିନ୍ନ ସ୍ଥାନରେ ଚଢାଉ କରି ବିପୁଳ ପରିମାଣରେ ମହୁଲିମଦ ସହିତ ପୋଚକୁ ଜବତ କରାଯାଇଥିବା ବେଳେ ଜଣକୁ ଗିରଫ କରାଯାଇଛି। ମାଧପୁର ଗ୍ରାମରୁ ୧୨୦୦ କେ.ଜି. ପୋଚ ଓ ୧୦୦ଲିଟର ମହୁଲି ମଦ ନଷ୍ଟ କରାଯାଇଛି। ସେହିପରି ରଙ୍ଗାମାଟିଆ ଗ୍ରାମରୁ ଏକ ସ୍ଥାନରୁ ୮୦୦କେ.ଜି. ପୋଚ ଓ ୫୦ଲିଟର ମହୁଲି ମଦକୁ ନଷ୍ଟ କରାଯାଇଥିବା ବେଳେ ସେହି ଗ୍ରାମର କୁନା ମୁଣ୍ଡା ଠାରୁ ୯ ଲିଟର ମହୁଲି ମଦ ଜବତ କରାଯାଇ ତାଙ୍କୁ ଗିରଫ କରାଯାଇଛି। ଏହି ଚଢାଉରେ ଘଟଗାଁ ଅବକାରୀ ଥାନାର ଲକ୍ଷ୍ମଣ ନାୟକ, ଯତୀନ୍ଦ୍ର ମହାନ୍ତ ଓ ରେବତୀ ସାହୁ ପ୍ରମୁଖ ସାମିଲ ଥିଲେ।

## ଲତା ବିଶ୍ୱବାସୀଙ୍କ ହୃଦୟ ଜୟ କରିଥିଲେ




ଖୋର୍ଦ୍ଧା ,(ପି.ଏନ): ସ୍ୱର ସାମ୍ରାଜ୍ଞୀ ଲତା ମଙ୍ଗେସରଙ୍କ ବିୟୋଗରେ ଏକ ସ୍ମୃତିସଭା ତ୍ରିନାଥ ଚରଣ ସ୍ମୃତି କଳା ସାହିତ୍ୟ ସଂସଦ ପକ୍ଷରୁ ଶ୍ରୀରାମନଗରସ୍ଥ କାର୍ଯ୍ୟାଳୟ ପରିସରରେ ସଂସଦର ସଭାପତି ସତ୍ୟବାଦୀ ବଳିଆରସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସରକାରୀ ଅଧିବକ୍ତା ବ୍ରଜକିଶୋର ସାହୁ, ଶିକ୍ଷାବିତ୍ ଦୟାନିଧି ସାହୁ ଓ ବର୍ଷୀୟାନ କଳାକାର ଶଶୀଭୂଷଣ ମହାନ୍ତି ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ, ଭାରତରତ୍ନ ଲତା ସଙ୍ଗୀତ କ୍ଷେତ୍ରରେ ସାରା ବିଶ୍ୱବାସୀଙ୍କ ହୃଦୟ ଜୟ କରିପାରିଥିଲେ ଓ ତାଙ୍କର ସଙ୍ଗୀତ 'ଏ ମେରେ ୱତନ କେ ଲୋଗୋଁ' ଏବେ ବି ପ୍ରତ୍ୟେକ ଭାରତୀୟଙ୍କ ମନରେ ଗୁଂଜରିତ ହେଉଛି । ସର୍ବଶ୍ରୀ ଗୋବିନ୍ଦ ଚନ୍ଦ୍ର ମହାରଣା, ଦିଲ୍ଲୀପ କୁମାର କର, ଜ୍ୟୋତିରଞ୍ଜନ ସାହୁ, ଶୈଳବାଳା ପଶ୍ଚିମକବାଟ, ସ୍ମୃତିରଞ୍ଜନ ସାହୁ, ଅଙ୍କିତା ପରିଡ଼ା ପ୍ରମୁଖ ସ୍ମୃତିଚାରଣ କରିଥିଲେ । ସଂସଦର ସଂପାଦିକା ଇତିଶ୍ରୀ ସାହୁ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

## ୧୩ନମ୍ବର ଜୋନ୍‌ରେ ବିକାଶର ସୂର୍ଯ୍ୟୋଦୟ କେବେ ?

ଧର୍ମଶାଳା,(ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ ୧୩ନମ୍ବର ଜିଲ୍ଲା ପରିଷଦ ଜୋନ୍‌ରେ ବିକାଶର ସୂର୍ଯ୍ୟୋଦୟ କେବେ ? ଏମିତି ଅନେକ ପ୍ରଶ୍ନକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଏବେ ଦ୍ୱନ୍ଦ୍ୱରେ । ପୂର୍ବଭଳି ଏଥର ମଧ୍ୟ ପଞ୍ଚାୟତ ନିର୍ବାଚନ ହେଉଛି । ପ୍ରାର୍ଥୀମାନଙ୍କ ପ୍ରତିଶ୍ରୁତିର ପାହାଡ଼ ଗଦାରେ ଭୋଟର ଅଣନିଶ୍ୱାସୀ । ହେଲେ ସେମାନଙ୍କର ମୌଳିକ ସମସ୍ୟା ଆଜି ବି ଅପୂରଣୀୟ। ପୂର୍ବରୁ ଏହି ଜୋନ୍‌ଟି ବଡ଼ଚଣା ନିର୍ବାଚନ ମଣ୍ଡଳୀରେ ରହିଥିଲା । ୨୦୦୯ ସାଧାରଣ ନିର୍ବାଚନ ପରଠାରୁ ଏହା ଧର୍ମଶାଳାରେ ସାମିଲ୍ ହୋଇଛି। ଏବେ ଏହା ଧର୍ମଶାଳା ରାଜନୀତିର ପ୍ରାଣକେନ୍ଦ୍ର ଭାବେ ପରିଚିତ। ଏହି ଜୋନ୍ ଅଧୀନ ଗଙ୍ଗାଧରପୁର ପଞ୍ଚାୟତ ନୂଆଗାଁ ମୌଜାରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଓ ତାଙ୍କ ସାନଭାଇ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ସ୍ଥାୟୀଭାବେ ବସତି ସ୍ଥାପନ କରିବା ସହିତ ବିଜେଡ଼ି କାର୍ଯ୍ୟାଳୟ ଖୋଲି ସମଗ୍ର ଧର୍ମଶାଳା ରାଜନୀତି ଉପରେ ଗୋଟି ଚାଳନା କରୁଛନ୍ତି । ଏହି ଜୋନ୍‌ରେ ଆରୁହା, ହରିଦାସପୁର, କଣ୍ଟିଗଡ଼ିଆ, କ୍ଷେତ୍ରପାଳ, ନେଉଳପୁର, ଥାନୁଆଳ, ପାଖର, ତରିଆ, କୁମାରୀ ଓ ଗଙ୍ଗାଧରପୁର ଭଳି ୧୦ଟି ସମୃଦ୍ଧ ପଞ୍ଚାୟତକୁ ଅନ୍ତର୍ଭୁକ୍ତ କରାଯାଇଛି। ଏହି ଜୋନ୍ ଦେଇ ୧୬ ଓ ୫୩ନମ୍ବର ଜାତୀୟ ରାଜପଥ, ପୂର୍ବତଟ ରେଳପଥ, ହରିଦାସପୁର-ପାରାଦୀପ ରେଳ ଲାଇନ୍ ଓ ହାଇ ଲେଭଲ୍ କେନାଲ୍ ଯାଇଛି । କିନ୍ତୁ ସାଧାରଣ ଜନତାଙ୍କ ଭାଗ୍ୟ ଅନିଶ୍ଚିତତା ଭିତରେ ରହିଛି । କୃଷି ଓ ଗୋପାଳନ ଏହି ଅଞ୍ଚଳର ମୁଖ୍ୟ ଜୀବିକା ହୋଇଥିବା ବେଳେ ଜଳସେଚନ ଓ ଗୋସଂପଦ ବିକାଶ ପାଇଁ ସରକାରୀ ସ୍ତରରେ ଆଖିଦୃଶିଆ ପଦକ୍ଷେପ ନିଆଯାଇନାହିଁ। ଆରୁହା ଓ ବାଜବାଟି କଳାପଥର ପାହାଡ଼ ଅଞ୍ଚଳବାସୀଙ୍କ ପରିବର୍ତ୍ତେ ହାତଗଣତି କେତେକ ବଡ଼ବଡ଼ିଆଙ୍କ ବିକାଶରେ ସହାୟକ ହୋଇଛି । ଏହି ଜୋନ୍‌ରେ ରାମ୍‌କୋ ସିମେଣ୍ଟ୍ କାରଖାନା ରହିଥିବା ବେଳେ ଏଠାକାର କୁଶଳୀ ଓ ଅଣକୁଶଳୀ ଯୁବକଙ୍କୁ ଏଠାରେ କାମ ମିଳୁନାହିଁ। ଧୂଳିଧୂଆଁରେ ଅଞ୍ଚଳ ପ୍ରଦୂଷିତ । ଚିର ବନ୍ୟାପ୍ଲାବିତ ଏହି ଜୋନ୍‌ର ବିକାଶ ପାଇଁ ଆଖିଦୃଶିଆ ଯୋଜନା ହୋଇନାହିଁ । କୁଆଁରିଆ ଜଳସେଚନ ପ୍ରକଳ୍ପ ଦିଗହରା । ବ୍ରାହ୍ମଣୀ ଓ ବିରୂପା ନଦୀର ବନ୍ୟା ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଦିଏ । ବିକାଶ ନାଁରେ ଏହି ଜୋନ୍‌ରୁ ବ୍ୟାପକ ପ୍ରାକୃତିକ ସଂପଦ ଲୁଟ୍ ଚାଲିଛି । ପର୍ଯ୍ୟଟନ କ୍ଷେତ୍ର ନେଉଳପୁର ଓ କଣ୍ଟିଗଡ଼ିଆ ପାହାଡ଼ରେ ବୌଦ୍ଧ କୀର୍ତ୍ତିରାଜି ଅବହେଳିତ ଅବସ୍ଥାରେ ପଡ଼ିରହିଛି । ଏହି ଜୋନ୍‌ରେ ଥିବା ପ୍ରସିଦ୍ଧ ଗୋକର୍ଣ୍ଣେଶ୍ୱର ପୀଠର ଉନ୍ନତି କରାଯାଇଥିବା ବେଳେ ଗୌଡ଼ବୁଢ଼ା ପୀଠ ଓ ପାଇକ ଆଖଡ଼ାଶାଳର ବିକାଶ ହୋଇନାହିଁ। ପାଇକ ବିଦ୍ରୋହ ସ୍ମୃତିସ୍ତମ୍ଭ ନାକପୋଲ ଲକ୍ ଛକରେ ନିର୍ମାଣ ପାଇଁ ଏହାର ବଂଶଧରମାନେ ଦାବି କରୁଛନ୍ତି। ହେଲେ ଏହି ଦାବିକୁ ଅଣଦେଖା କରାଯାଉଥିବା ଅଭିଯୋଗ ହୋଇଛି। ଏହି ଜୋନ୍‌ରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ମୌଳିକ ଭିତିଭୂମିର ଉନ୍ନତି ପାଇଁ କାହାର ଚିନ୍ତା ନାହିଁ । ପ୍ରତି ପଞ୍ଚାୟତରୁ ଶତାଧିକ ଯୁବକ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଚାଲି ଯାଇଛନ୍ତି। ସ୍ୱାଧୀନତା ପରଠାରୁ ଏହି ଅଞ୍ଚଳ ଅବହେଳିତ ଅବସ୍ଥାରେ ରହିଛି । ପ୍ରତିଥର ପରି ତିନି ପ୍ରମୁଖ ରାଜନୈତିକ ଦଳ ଏବେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଅବତୀର୍ଣ୍ଣ । କିଏ ଏହି ଜୋନ୍‌ର ବିକାଶ କରିବାକୁ ଆଗେଇ ଆସିବ, ଦେଖିବାକୁ ବାକି ରହିଲା।


Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray